
ୟୁନିଟ୍-୨ ଜୁନିୟର ମ୍ୟାନେଜର ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା।


ଭୁବନେଶ୍ୱର ୟୁନିଟ୍-୯ ରୋଡ ବିଦ୍ୟୁତ୍ କାର୍ଯ୍ୟାଳୟ।


ଧଉଳି ଚାରୁକଳା ମହାବିଦ୍ୟାଳୟରେ ଧନିଆରେ ତିଆରି ବିଶ୍ୱକର୍ମା।


ଝାଁଳା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।


ନହରକଣ୍ଟାସ୍ଥିତ କବିତା ଏଣ୍ଟରପ୍ରାଇଜେସ୍।


ୟୁନିଟ୍-୯ସ୍ଥିତ ୱାଟକୋର ଜୋନ କାର୍ଯ୍ୟାଳୟ।


ୟୁନିଟ୍-୩ ଖାରବେଳ ନଗର ପ୍ରଦର୍ଶନୀ ପଡିଆ ବିଦ୍ୟୁତ୍ କାର୍ଯ୍ୟାଳୟ।


ଜଟଣୀ ସୀତାରାମ ଛକ ଅଟୋଷ୍ଟାଣ୍ଡ ମଣ୍ଡପ।


ରସୁଲଗଡ ବିଦ୍ୟୁତ୍ କାର୍ଯ୍ୟାଳୟ।


ରସୁଲଗଡ ଶିଳ୍ପାଞ୍ଚଳସ୍ଥିତ ସୂର୍ଯ୍ୟ ମେସିନାରି ପକ୍ଷରୁ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।


ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା।

# ଶିଖରଚଣ୍ଡୀରେ ୩ହଜାର ୪ଶହ ଗଛ ଲଗାଇଲା ବିଡିଏ

**ଭୁବନେଶ୍ୱର, ୧୭।୯ (ବନ୍ଦନା ସେଠୀ)**

ଶୀଖରଚଣ୍ଡୀ ପାହାଡ଼କୁ ବାୟୋ ଡାଇଭର୍ସିଟି ପାର୍କ ଭାବେ ଗଢ଼ି ତୋଳାଯିବ। ଏନେଇ 'ସବୁଜ ପାହାଡ଼ ପ୍ରକଳ୍ପ' ଯୋଜନାରେ ପାହାଡ଼ରେ ମୋଟ୍ ୧୮ହଜାର ଗଛ ଲଗାଯିବା ନେଇ ସ୍ଥିର କରାଯାଇଛି। ପୂର୍ବରୁ ପାହାଡ଼ରେ ୬୫୦୦ ଗଛ ଲାଗିଥିବାବେଳେ ରବିବାର ଏଠାରେ ଆଉ ୩ହଜାର ୪ଶହ ଗଛ ଲଗାଯାଇଛି। ଏଥିପାଇଁ ବିଡିଏ ପକ୍ଷରୁ ୩.୫୧କୋଟି ଟଙ୍କା ଓଏଫ୍‌ଡିସିକୁ ପ୍ରଦାନ କରାଯାଇଛି। ଗଛ ଆଣିବା ଠାରୁ ଆରମ୍ଭ କରି ତାହାର ରକ୍ଷଣାବେକ୍ଷଣ କରିବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଓଏଫ୍‌ଡିସିର। ୨୦୨୭-୨୮ ପର୍ଯ୍ୟନ୍ତ ବିଡିଏ ଓ ଓଏଫ୍‌ଡିସି ମଧ୍ୟରେ ଏହି ଚୁକ୍ତି କରାଯାଇଛି। ବିଡିଏ, ବିଏମ୍‌ସି, ଓଏଫ୍‌ଡିସି ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଗୋଷ୍ଠୀ ସହଭାଗିତାକୁ ଗୁରୁତ୍ୱ ଦିଆଯାଇଥିବାରୁ ବିଭିନ୍ନ ସ୍କୁଲ, କଲେଜରୁ ୨ଶହ ଛାତ୍ରୀଛାତ୍ର, ପ୍ରାୟ ୧ଶହ ବୟୋଜ୍ୟେଷ୍ଠ ବ୍ୟକ୍ତି, ବିଭିନ୍ନ ଏସ୍‌ଏଚ୍‌ଜି, ୱେଲଫେୟାର ଆସୋସିଏଶନ୍, କିନ୍ନର ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନ, ରାଜନୈତିକ ଦଳର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏଥିରେ ୨୭ ପ୍ରକାରର ଗଛ ଯଥା ନିମ୍ବ, ଶିଶୁ, କରଞ୍ଜ, ବର, ପିପ୍ପଳୀ, ବକୁଳ, ଅର୍ଜୁନ, ମେହୋଗାନୀ, ରୋହିଣୀ, ପେସ୍ତାବାଦାମ, ରକ୍ତ ଚନ୍ଦନ ଆଦି ବଡଗଛ ଲଗାଯାଇଥିଲା। ସେହିପରି ଫୁଲଗଛ ମଧ୍ୟରେ କାଞ୍ଚନ, ଆକାଶମାଳି, ସୁନାରୀ, ଚମ୍ପା, ଅଶୋକା ପ୍ରମୁଖ ଏବଂ ପଣସ, ଆତ, ବେଲ ଜାମୁ, ତେନ୍ତୁଳି, ଆମ୍ବ, ପିଜୁଳି ଭଳି ଫଳ ଗଛ ଲଗାଯାଇଥିଲା। ଶିଖରଚଣ୍ଡୀ ପାହାଡ଼କୁ ଜବରଦଖଲମୁକ୍ତ କରିବା ସହ ସବୁଜୀକରଣ କରିବା ତଥା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ଉନ୍ନୟନମୂଳକ ପଦକ୍ଷେପ ନିଆଯାଉଥିବା ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ କହିଥିଲେ। କାର୍ଯ୍ୟକ୍ରମରେ ଓଏଫ୍‌ଡିସି ମ୍ୟାନେଜିଂ ଡାଇରେକ୍ଟର ସୁରେଶ ପନ୍ତ, ଭୁବନେଶ୍ୱର ସର୍କଲ ଆର୍‌ସିସିଏଫ୍ ଡ. ସଞ୍ଜୀତ କୁମାର, ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ବିଡିଏ ସଚିବ କବିନ୍ଦ୍ର କୁମାର ସାହୁ, ଅତିରିକ୍ତ କମିଶନର (ଏନ୍‌ଫୋର୍ସମେଣ୍ଟ) ହରିଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଶିଖରଚଣ୍ଡୀ ପାହାଡ଼ରେ ବିଡିଏ ପକ୍ଷରୁ ଗଛ ଲଗାଇବାରେ ସାମିଲ ହୋଇଥିବା ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ମହାପ୍ରଭୁଙ୍କୁ ଗୁହାରି ଜଣାଇଲେ ୬୦ ସାମ୍ବାଦିକ

**ପୁରୀ, ୧୭।୯(ଅଜିତ ମହାନ୍ତି):**

ବିଭିନ୍ନ ଜିଲାର ୬୦ଜଣ ବରିଷ୍ଠ ସାମ୍ବାଦିକ ରବିବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ଅଳି ଜଣାଇଛନ୍ତି। ଓଡ଼ିଶା ବରିଷ୍ଠ ସାମ୍ବାଦିକ ସଂଘର ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କୁ ସଦ୍‌ବୁଦ୍ଧି ଦେବା ପାଇଁ ସେମାନେ ମହାପ୍ରଭୁଙ୍କୁ ଗୁହାରି କରିଛନ୍ତି। ସଂଘ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପାଳିଆ ସେବାୟତଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ସାମ୍ବାଦିକଙ୍କ ଦୁଃଖ ଓ ଦାବି ସମ୍ପର୍କରେ ଉଲ୍ଲେଖ ରହିଛି।

ଏ ନେଇ ଡେଲ୍‌ଟା ମଙ୍ଗଳା ମନ୍ଦିର ପରିସରରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରୋଜ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସାମ୍ବାଦିକଙ୍କ ଅବସରକାଳୀନ ପେନ୍‌ସନ ଓ ସୁରକ୍ଷା ଆଇନ ପ୍ରଣୟନ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଶୀଘ୍ର ଦାବି ପୂରଣ ପାଇଁ ସରକାରଙ୍କୁ ନିବେଦନ କରାଯାଇଥିଲା। ସଂଘ ପୂର୍ବରୁ ଦୀର୍ଘଦିନ ହେବ ଦାବିପତ୍ର ଦେଇଥିବାବେଳେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ୩ଥର ଆଲୋଚନା କରିସାରିଲାଣି। ହେଲେ ପଦକ୍ଷେପ ନିଆଯାଉନାହିଁ। ଦାବି ପୂରଣ ନ ହେଲେ ଅଦାଲତଙ୍କ ଦ୍ୱାରସ୍ଥ ହେବୁ ବୋଲି ସଂଘ କର୍ମକର୍ତ୍ତା କହିଛନ୍ତି।

# ଆଜି ବିଏମ୍‌ସି କର୍ପୋରେଶନ ବୈଠକ

**ଜାଗାମିଶନ୍, ଡେଙ୍ଗୁକୁ ନେଇ ଘେରିବେ ବିରୋଧୀ**

**ଭୁବନେଶ୍ୱର,୧୭।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ସୋମବାର ଭୁବନେଶ୍ୱର ମହାନଗର ନିଗମ (ବିଏମସି) କର୍ପୋରେଶନ ବୈଠକ ଅନୁଷ୍ଠିତ ହେବ। ଏଥର ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା ସରଗରମ ହେବ। ବିରୋଧୀ କର୍ପୋରେଟର ଜାଗା ମିଶନ୍‌ରେ ପଟ୍ଟା ବଣ୍ଟନ ପ୍ରସଙ୍ଗ ଉଠାଇବାକୁ ପ୍ରସ୍ତୁତ ରହିଥିବାବେଳେ ଡେଙ୍ଗୁ ସ୍ଥିତିକୁ ନେଇ ପୁଣି ଚର୍ଚ୍ଚା ହେବ। ସହରରେ ଡେଙ୍ଗୁ ସଂଖ୍ୟା ୩ହଜାର ପାର୍ କରି ସାରିଲାଣି। ସ୍ୱାୟତ୍ତଶାସନରେ ବିଏମ୍‌ସି ଆଉ ୨୦ଟି ମଶାଧୂଆଁ ଗାଡି ଏବଂ ୭୦ଟି ମଶା ଲାର୍ଭା ବିନାଶକାରୀ ବ୍ୟାଟେରୀ ଚାଳିତ ସ୍ପ୍ରେ ମେସିନ କିଣିଥିଲା। ମାତ୍ର ଏହାପରେ ବି ସହରର ସମସ୍ତ ସ୍ଥାନରେ ମଶାଧୂଆଁ ଦିଆଯାଉ ନାହିଁ। ଡେଙ୍ଗୁ ରୋକିବାରେ ବିଏମ୍‌ସି ଫେଲ୍ ମାରୁ ଥିବାରୁ ଉଭୟ ଶାସକ ଏବଂ ବିରୋଧୀ ଦଳ କର୍ପୋରେଟର ମେୟର ଓ କମିଶନରଙ୍କୁ ଘେରି ପାରନ୍ତି। ସେହିପରି ପରିମଳ ପ୍ରସଙ୍ଗ ବି ଉଠିବ। ରାସ୍ତାଘାଟ ଠିକ ଭାବେ ସଫେଇ ହେଉନି। ସବୁଜ ଅଳିଆ ପଡି ରହୁଛି। ଏପରି ବହୁ ପ୍ରସଙ୍ଗକୁନେଇ ଆଲୋଚନା ହୋଇପାରେ।



ପ୍ରସିଦ୍ଧ ଲେଖିକା ଗୀତା ମେହେଟ୍ଟାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ଆବାହନ


ଚୌଦ୍ୱାର


ଖପୁରିଆସ୍ଥିତ ସରକାରୀ ପ୍ରେସ୍।


କନ୍ଦରପୁର ବିଦ୍ୟୁତ୍ କାର୍ଯ୍ୟାଳୟ।


ରାଣୀହାଟ ବିଦ୍ୟୁତ୍ କାର୍ଯ୍ୟାଳୟ।


ଲିଙ୍କରୋଡ୍‌ସ୍ଥିତ ଘରୋଇ ବସ୍ ମାଲିକ ସଂଘ।


ୱାଟ୍‌କୋ ଷ୍ଟାଡିୟମ୍ ରୋଡ୍।


ସାଲେପୁର ଅଟୋ ଆସୋସିଏଶନ।


ଖପୁରିଆସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର।

## ୨ ବାଇକ୍ ମୁହାଁମୁହିଁ ଧକ୍କା : ଜଣେ ମୃତ

ନରସିଂହପୁର,୧୭।୯ (ନିରଞ୍ଜନଦେବକୁମାର)

ନରସିଂହପୁର ବ୍ଲକ ଅଧୀନ ଶରଧାପୁର ଗ୍ରାମ ନିକଟରେ ରବିବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଲିସାହି ଗ୍ରାମର ଅଶୋକ ପ୍ରଧାନ (୩୫)। ସେ ଶରଧାପୁର ଆଡକୁ ମୋଟର ସାଇକେଲରେ ଯାଉଥିଲେ। ଏହି ସମୟରେ ଶରଧାପୁର ଗ୍ରାମର ଦୀପକ ମହାଖୁଡ଼(୨୫) ଜଣେ ସାଙ୍ଗକୁ ଧରି ଚକ୍ରଗଡ଼ ଗ୍ରାମକୁ ଆସୁଥିଲେ। ରାଧାକୃଷ୍ଣ ମନ୍ଦିର ନିକଟରେ ୨ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଅଶୋକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ଦୀପକଙ୍କ ପ୍ରାଥମିକ ଚିକିତ୍ସା କରାଯାଇ କଟକ ସ୍ଥାନାନ୍ତର କରାଯାଇଛି।

## ମାଧ୍ୟମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ

ବାଙ୍କୀ,୧୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ମାଧ୍ୟମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ କାଳିପୋଇ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ଜିଲା ମାଧ୍ୟମିକ ଶିକ୍ଷକ ସଂଘ ସମ୍ପାଦକ ଭାବଗ୍ରାହୀ ମହାପାତ୍ର ସଭାପତିତ୍ୱ କରିଥିଲେ। ରାଜ୍ୟ ମହାସଂଘ ସମ୍ପାଦକ ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ମାଧ୍ୟମିକ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ବାଙ୍କୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାହ୍ନୁଚରଣ ସିଂହ, ସମ୍ମାନିତ ଅତିଥିଭାବେ କଟକ ଜିଲା ଶିକ୍ଷକ ସଂଘ ଯୁଗ୍ମ ସମ୍ପାଦକ, କୁଶୁପଙ୍ଗି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁଚରଣ ସ୍ୱାଇଁ, କାଳିପୋଇ ଉଚ୍ଚବିଦ୍ୟାଳୟର ଶ୍ରୀଧର ସାହୁ ଯୋଗଦେଇଥିଲେ। ଦିଲୀପ ପରିଡା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ମିହିର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଙ୍କୀ ବ୍ଲକ ସଭାପତି ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମାଣ୍ଡିଆ ଚାଷୀ ପ୍ରଶିକ୍ଷଣ ଉଦ୍‌ଯାପିତ

ନରସିଂହପୁର ୧୭।୯(ନିରଞ୍ଜନ ଦେବକୁମାର)

ନରସିଂହପୁର କୃଷି ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇ ଡଟର ମିଳିତ ସହଯୋଗରେ ନରସିଂହପୁର ବ୍ଲକରେ ଓଡିଶା ସରକାରଙ୍କ ମାଣ୍ଡିଆ (ମିଲେଟ୍) ଯୋଜନାକୁ ସଫଳ କାର୍ଯ୍ୟକାରୀ କରିବା ପାଇଁ ୨ ଦିନିଆ କୃଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁହାଳସାହି ଗ୍ରାମସ୍ଥିତ କାର୍ଯ୍ୟାଳୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ୧୧ ଜଣ ଚାଷୀ ଓ ସିଆରପି ଯୋଗଦେଇ ମାଣ୍ଡିଆ ଯୋଜନା ଚାଷ ସମ୍ବନ୍ଧିତ ଜ୍ଞାନ କୌଶଳ ବିଷୟରେ ତାଲିମ ନେଇଥିଲେ । ବ୍ଲକ କୃଷି ଅଧିକାରୀ ନିର୍ମଳ କୁମାର ନାୟକ ମୁଖ୍ୟ ତାଲିମଦାତା ଭାବେ ଯୋଗଦେଇ ଯୋଜନାର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଆଇ ଡଟର କାର୍ଯ୍ୟନିର୍ବାହୀ ସଦସ୍ୟ ଜଗଦୀଶ ମିଶ୍ର ସ୍ୱାଗତ ଭାଷଣ ଦେବାସହ କୃଷକମାନେ ଏହି ଯୋଜନାରୁ


କୃଷି ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ଚାଷୀମାନେ।

ବହୁତ ଲାଭ ପାଇପାରିବେ ବୋଲି କହିଥିଲେ। ସହକାରୀ କୃଷି ଅଧିକାରିଣୀ ଲକ୍ଷ୍ମୀପ୍ରିୟା ସ୍ୱାଇଁ ଆସନ୍ତା ଖରିଫ ଋତୁରେ ମାଣ୍ଡିଆ ଚାଷର ଲକ୍ଷ୍ୟ ପୂରଣ ସମ୍ପର୍କରେ ବୁଝାଇଥିଲେ। ଉଦ୍‌ଯାପନୀ ଦିବସରେ ଆଇ ଡଟ୍‌ର କାର୍ଯ୍ୟକାରୀ ପ୍ରତିନିଧି ଦେବବ୍ରତ ମାନସକୁମାର ମାନସିଂହ ଯୋଗଦେଇ ଗୋଷ୍ଠୀସ୍ତରୀୟ ଦକ୍ଷତା ବିକାଶ କୃଷିକ୍ଷେତ୍ର ପ୍ରସ୍ତୁତ ଓ ଚାଷୀମାନଙ୍କ ତଥ୍ୟ ପ୍ରସ୍ତୁତି ସମ୍ପର୍କରେ ବୁଝାଇଥିଲେ। ଗ୍ରାମ୍ୟ କୃଷି ଅଧିକାରୀ କୁଶ ସ୍ୱାଇଁ, ପଦ୍ମଲୋଚନ ବିଶ୍ୱାଳ, ଅପରାଜିତା ନାୟକ, ବ୍ଲକ ପ୍ରକଳ୍ପ ସଂଯୋଜକ ବିକାଶ କୁମାର ଦାସ ଓ ବ୍ଲକ ଜୀବିକା ସଂଯୋଜକ ହରିହର ପ୍ରଧାନ ଯୋଗଦେଇ ମାଣ୍ଡିଆ ମିଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ସିଆରପି ସତ୍ୟବାଦୀ ସାହୁ ଧନ୍ୟବାଦ ଦେଇଥିଲେ।

## ନିଗମ ନିକେତନ ଶାଖା ସଂଘର ବାର୍ଷିକ ଉତ୍ସବ

ବଡ଼ମ୍ବା,୧୭।୯(ମାୟାଧର ମଲ୍ଲିକ):

ବଡ଼ମ୍ବାସ୍ଥିତ ନିଗମ ନିକେତନ ତଥା ନିଗମାନନ୍ଦ ଆଶ୍ରମରେ ଶୁକ୍ରବାରଠାରୁ ଚାଲିଥିବା କଟକ ଜିଲା ଆଞ୍ଚଳିକ ସଂଘାଧିବେଶନ ଓ ବଡମ୍ବା ଶାଖା ସଂଘର ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ। ନୀଳାଚଳ ସାରସ୍ୱତ ସଂଘର ପରିଚାଳକ ଶରତ ଚନ୍ଦ୍ର ସିଂହ ଦେଓ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନୀଳାଚଳ ସାରସ୍ୱତ ସଂଘର କଟକ ଜଗତସିଂହପୁର ଅନ୍ତର୍ଗତ ୨୫ଟି ଶାଖା ସଂଘର ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ଜିଲା ସଂଘ ସଭାପତି ଡ. ଗୌରାଙ୍ଗ ଚରଣ ମହାନ୍ତି ଓ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର ଏଥିରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡମ୍ବା ଶାଖା



ସଂଘର ସଭାପତି ପ୍ରସନ୍ନ କୁମାର ପଣ୍ଡା, ଉପ ସଭାପତି ତ୍ରିଲୋଚନ ସାହୁ, ସମ୍ପାଦକ ପବିତ୍ର କୁମାର ଆଚାର୍ଯ୍ୟ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ବଡମ୍ବା ଶାଖା ସଂଘର ପ୍ରଥମ ସଭାପତି ବିନୟ କୃଷ୍ଣ ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## 'ବଜ୍ରପାତରୁ ସୁରକ୍ଷା ଦିଏ ତାଳଗଛ'

ନିଶ୍ଚିନ୍ତକୋଇଲି,୧୭।୯
(ଅଶୋକ କୁମାର ମହାପାତ୍ର)

କିଛିବର୍ଷ ହେବ ବଜ୍ରପାତ ଜୀବ ଜଗତକୁ ପାଇଁ ଘାତକ ହୋଇଛି। କେତେବେଳେ ମଣିଷତ ଆଉ କେତେବେଳେ ଜୀବଜନ୍ତୁଙ୍କ ପ୍ରାଣ ନେଉଛି। ତାଳଗଛ ବିଲୁପ୍ତ ହେବାରୁ ବଜ୍ରପାତ ଜୀବଜଗତକୁ ପ୍ରଭାବିତ କରୁଛି। ଏହି ଗଛ କେବଳ ବଜ୍ରପାତରୁ ରକ୍ଷା କରେନା ଏହା ବାୟା ଚଢ଼େଇଙ୍କ ରାହା ପାଲଟିଥାଏ। ଏହାଛଡ଼ା ତାଳଗଛର ପତ୍ର କିଛି କୁଶଳି କାରିଗରଙ୍କୁ ଜୀବିକା ଯୋଗାଉଛି ବୋଲି ନିଶ୍ଚିନ୍ତକୋଇଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି। ଏନେଇ ମଞ୍ଚ ପକ୍ଷରୁ ତାଳଗଜା ରୋପଣ ଅଭିଯାନ ଆରମ୍ଭ କରାଯାଇଛି। ସଙ୍ଗଠନ ତରଫରୁ

### ସଚେତନ ନାଗରିକ ମଞ୍ଚର ତାଳଗଜା ରୋପଣ ଅଭିଯାନ

ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ୧୦୦୦ରୁ ଊର୍ଦ୍ଧ୍ୱ ତାଳଚାରା ରୋପଣ କରାଯାଇଛି। ଏଥିରେ ସାମାଜିକ କର୍ମୀ ମନୋଜ କୁମାର ମଲିକ, ବଳରାମ ପତି, ସୁଧାଂଶୁ ଶେଖର ଭୂୟାଁ, ଦେବେନ୍ଦ୍ର କୁମାର ଲେଙ୍କା, ଡା. ଅଶ୍ୱିନୀ କୁମାର ଲେଙ୍କା, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ରବିନ କୁମାର ଦାସ ଓ ସ୍ୱାଧୀନ ମଲିକ ପ୍ରମୁଖ ଯୋଗଦେଇ ବରପଡା ତିନିମୁହାଣି ଠାରୁ ନାଗାମଠ ପର୍ଯ୍ୟନ୍ତ ନଦୀ ଓ କେନାଲର ଉଭୟ ପାର୍ଶ୍ୱରେ ତାଳଗଜା ରୋପଣ କରିଥିଲେ।

## ୨୫ ଫୁଟ୍‌ର ଗଣେଶ ମୂର୍ତ୍ତି କରି ଚର୍ଚ୍ଚାରେ ଶିଳ୍ପୀ ସ୍ମିତନ ଦାସ

ନିଶ୍ଚିନ୍ତକୋଇଲି,୧୭।୯
(ଅଶୋକ କୁମାର ମହାପାତ୍ର)

ଆର୍ଥିକସ୍ଥିତି ସୁଧାରିବା ପାଇଁ ବାହାର ରାଜ୍ୟକୁ କୁଶଳୀ କାରିଗରମାନେ ଯାଉଥିବା ବେଳେ ମୁମ୍ବାଇରେ ନିଜର ଦକ୍ଷତା ଦେଖାଇଥିବା ଜଣେ କୁଶଳୀ ଶିଳ୍ପୀ ଗାଁକୁ ଫେରିବାପରେ ନିଜ କଳାକୃତିର ପ୍ରତିପାଦନ କରିଛନ୍ତି। ଚଳିତବର୍ଷ ନିଶ୍ଚିନ୍ତକୋଇଲି ସଦର ମହକୁମାରେ ମହାବୀର କ୍ଲବର ୨୫ ଫୁଟରୁ ଊର୍ଦ୍ଧ୍ୱ ବାଲାଜୀ ଗଣେଶ ନିର୍ମାଣ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେ ହେଲେ ଯୁବଶିଳ୍ପୀ କେନ୍ଦ୍ରାପଡା ଜିଲା ପବିତ୍ରପଡାର ତାର୍ଜନ ଦାସଙ୍କ ପୁଅ ସ୍ମିତନ ଦାସ । ସେ ୫ ବର୍ଷର ହୋଇଥିବାବେଳେ ବାପାଙ୍କୁ ହରାଇଥିଲେ। ମାତ୍ର ବାପାଙ୍କ କଳାକୁ ଜୀବନର ଲକ୍ଷ୍ୟ ଭାବେ ଗ୍ରହଣ କରିଥିଲେ।


ଶିଳ୍ପୀ ସ୍ମିତନ ଦାସ ଗଣେଶଙ୍କ ମୂର୍ତ୍ତି ଗଢୁଛନ୍ତି।

୨୦୧୦ରେ ମାଟ୍ରିକ ପାସ୍ କରିବା ପରେ ପାରିବାରିକ ସମସ୍ୟା ପାଇଁ ମୁମ୍ବାଇ ଚାଲିଯାଇଥିଲେ। ସେଠାରେ ପ୍ରଥମେ ଏକ ସପ୍ଲାୟର ଭାବେ କାମ କରିଥିଲେ। ମାତ୍ର ଜଣେ କୁଶଳୀ ମୂର୍ତ୍ତି କାରିଗର ହେବା ତାଙ୍କର ଲକ୍ଷ୍ୟ ଥିଲା। ମୁମ୍ବାଇରେ ପ୍ରତିଷ୍ଠିତ ହୋଇଥିବା ବିଜୟ ଘଡେଇଙ୍କ ପରାମର୍ଶରେ ସେ ଗଣେଶ ମୂର୍ତ୍ତି କାରିଗର ଭାବେ ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟ କରିଥିଲେ। ଦେଢ ହଜାରରୁ ଊର୍ଦ୍ଧ୍ୱ ବୃହଦାକାୟ ଗଣେଶ ମୂର୍ତ୍ତି ନିର୍ମାଣ କରି ବମ୍ବେରେ ନିଜ ନାମ ବିକଶିତ କରିଥିଲେ। ସେଠାରେ ୬୦ ଫୁଟ୍ ଉଚ୍ଚର ଗଣେଶ ମୂର୍ତ୍ତି ତିଆରି କରି ଚର୍ଚ୍ଚିତ ହୋଇଥିଲେ। କରୋନା ମହାମାରୀ ସମୟରେ ସେ ଘରକୁ ଫେରିଆସିଥିଲେ। ମାତ୍ର ଆଉ ଗାଁ ମାଟି ଛାଡ଼ିଯିବାକୁ ଇଚ୍ଛା କରି ନ ଥିଲେ। ଆଖପାଖ ୩ଟି ଜିଲାରେ ଦେବାଦେବୀଙ୍କ ବୃହଦାକାୟ ମୂର୍ତ୍ତିଙ୍କ ଗଢ଼ି ଲୋକଙ୍କ ଦୃଷ୍ଟିକୁ ଆସିଥିଲେ। ସେ ଏବେ କିଛି କାରିଗରଙ୍କୁ ସାଥିକରି ଶିଳ୍ପୀ କାର୍ଯ୍ୟ କରୁଛନ୍ତି। ସରକାରୀ ପ୍ରୋତ୍ସାହନ ମିଳିଲେ ସେ ଓଡ଼ିଶାର ଶିଳ୍ପୀମାନଙ୍କୁ ନିଜ ଦକ୍ଷତାର ପ୍ରଶିକ୍ଷଣ ଦେଇ କିଛି ନିଆରା ପଦକ୍ଷେପ ନେଇପାରିବେ। ମାତ୍ର ପରିବାରର ଆର୍ଥିକ ବୋଝ ତାଙ୍କୁ ଲକ୍ଷ ସ୍ଥଳରେ ପହଞ୍ଚାଇ ପାରୁନାହିଁ ବୋଲି ସ୍ମିତନ କହିଛନ୍ତି।

# ଷଷ୍ଠୀ ଓଷା, ଏକାଦଶୀରେ ସ୍ୱତନ୍ତ୍ର ପୂଜା ହୁଏ

## ପରିବା ଓ ମାଛ ମାର୍କେଟ ବ୍ୟବସାୟୀ ସଂଘ ପୂଜା କମିଟି

ଜଟଣୀ, ୧୭।୯(ରବୀନ୍ଦ୍ର ନାଥ ମହାକୁଡ଼)

ଗଣେଶ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶପୂଜା ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ପରିବା ଓ ମାଛ ମାର୍କେଟ ବ୍ୟବସାୟୀ ସଂଘ ପୂଜା କମିଟିର ପ୍ରସ୍ତୁତି ମଧ୍ୟ ଶେଷ ପର୍ଯ୍ୟାୟରେ। ଏଥର ପୂଜାରେ ୫ରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ ବୋଲି କମିଟି ପକ୍ଷରୁ ସ୍ଥିର ହୋଇଛି। ସ୍ଥାୟୀ ଏବଂ ଅସ୍ଥାୟୀ ଭାବେ ବର୍ତ୍ତମାନ ୨ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ସହଯୋଗରେ ପୂଜା କରାଯାଉଛି। ପ୍ରତିଦିନ ଠାକୁରଙ୍କ ନିକଟରେ ବିଭିନ୍ନ ପ୍ରକାର ଭୋଗ ଲାଗିହେବାକୁ ଥିବାବେଳେ ସୂର୍ଯ୍ୟପୂଜା, ଗୋପୂଜା ସହିତ ସର୍ବଦେବଦେବୀଙ୍କୁ ଆବାହନ କରାଯାଏ। ମଣ୍ଡପରେ ଗୁରୁବାର ବିଧିମୁତାବକ ମା' ଲକ୍ଷ୍ମୀଙ୍କ ପୂଜା କରାଯାଇଥାଏ। ମାନସିକଧାରୀମାନେ ବିଭିନ୍ନ ଭୋଗ ଲାଗି କରିଥା'ନ୍ତି। ଏହି ମଣ୍ଡପର ବିଶେଷତ୍ୱ ହେଉଛି ପୂଜା ସମୟରେ ପଡୁଥିବା ଷଷ୍ଠୀଓଷା ଓ ଏକାଦଶୀରେ ସ୍ୱତନ୍ତ୍ର ପୂଜା କରାଯାଇଥାଏ। ପ୍ରତିଦିନ ଜଗତ୍ କଲ୍ୟାଣ ପାଇଁ ସ୍ୱତନ୍ତ୍ର ହୋମ ହୋଇଥାଏ। ସ୍ଥାନୀୟ ଅଞ୍ଚଳର ଡେକୋରେଟରଙ୍କ ଦ୍ୱାରା ଡିଜିଟାଲ ଲାଇଟ ଗେଟ୍ ସ୍ଥାନ ପାଇବ। ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ସହିତ ପୂଜା କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ ହେବା ନେଇ ନିଷ୍ପତ୍ତି ହୋଇଛି। ପ୍ରକାଶ ଯେ, ଦେଶ ସ୍ୱାଧୀନ ପୂର୍ବରୁ ସ୍ଥାନୀୟ ମାଲ୍‌ଗୋଦାମ ଛକ ଏବଂ ବଡ଼ବଜାରକୁ ସଂଯୋଗ କରୁଥିବା ରେଲୱେ ଲେଭଲ କ୍ରସିଂ ନିକଟରେ ଏକ କୋଚିଲାଗଛ ମୂଳରେ ପରିବା ଓ ମାଛ ମାର୍କେଟର କେତେଜଣ ବ୍ୟବସାୟୀ ଏହି ପୂଜା ଆରମ୍ଭ କରିଥିବା ଜଣାଯାଏ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୫୦ ଦଶକରେ ଏହି ମାର୍କେଟର ଭ୍ରମର ସାହୁ, ଅଳିଆ ସାହୁ, ପରୁ ସାହୁ, ଅରୁ ସାହୁ, ଶ୍ୟାମ ବେହେରା, ହଜାରି ସାହୁ, ଝରି ସାହୁଙ୍କ ସମେତ କେତେଜଣ ବ୍ୟବସାୟୀ ସ୍ୱତନ୍ତ୍ରଭାବେ ଏହି ବଜାରରେ ଅସ୍ଥାୟୀ ମଣ୍ଡପରେ ଠାକୁରଙ୍କୁ ପୂଜା କରୁଥିଲେ। ୮୦ ଦଶକରେ ଏକ ମଣ୍ଡପ ନିର୍ମାଣ ହେବାପରେ ଏପର୍ଯ୍ୟନ୍ତ ଏହି ମଣ୍ଡପରେ ଠାକୁରଙ୍କୁ ପୂଜା କରାଯାଇଆସୁଥିବା କମିଟି ସଦସ୍ୟମାନେ କହିଛନ୍ତି।



ଶୋଭାପାଇବାକୁ ଥିବା ଏଲ୍‌ଇଡି ଲାଇଟ୍ ଗେଟ୍‌ର ନକଲ।

### ଏମାନେ ଯାହା କୁହନ୍ତି...



"ପ୍ରତିବର୍ଷ ଗଣେଶ ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ତେବେ ସ୍ଥାନୀୟ ଅଞ୍ଚଳର ବିକାଶ କାର୍ଯ୍ୟ ପାଇଁ ଗତ ଏକ ବର୍ଷରୁ ଅଧିକ ହେବ ରେଳ ପ୍ରଶାସନ ପକ୍ଷରୁ ଦୋକାନ ଗୃହ ଉଚ୍ଛେଦ କରାଯାଇଥିବାରୁ ଅନେକ ବ୍ୟବସାୟୀ ହଇରାଣ ହେଉଛନ୍ତି। ରାସ୍ତାଘାଟ ଖାଲଖମା ଏବଂ ଅଳିଆ ଆବର୍ଜନାରେ ଭର୍ତ୍ତିହୋଇ ପଡ଼ିରହିଛି। ଲକ୍ଷାଧିକ ଟଙ୍କା ରାଜସ୍ୱ ରେଳ ପ୍ରଶାସନ ଏହି ମାର୍କେଟରୁ ନେଉଥିବା ବେଳେ କୌଣସି ସୁବିଧା ପ୍ରଦାନ କରୁନାହିଁ। ବିଧି ଓ ପରମ୍ପରା ରକ୍ଷା ପାଇଁ ପୂଜା କରାଯିବା ନେଇ ସମସ୍ତ ବ୍ୟବସ୍ଥା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶାନ୍ତିଶୃଙ୍ଖଳାରେ ଗଣେଶ ପୂଜା ପାଳନ କରାଯିବ।

**ମୃତ୍ୟୁଞ୍ଜୟ ସୁବୁଦ୍ଧି, ସଭାପତି, ପରିବା ଓ ମାଛ ମାର୍କେଟ ବ୍ୟବସାୟୀ ସଂଘ**



"ବ୍ୟବସାୟୀମାନେ ବହୁ ବାଧାବିଘ୍ନ ମଧ୍ୟରେ ଗତ ଏକ ବର୍ଷରୁ ଅଧିକ ସମୟଧରି ବ୍ୟବସାୟ କରୁଛନ୍ତି। ପୂଜା ପୂର୍ବରୁ ମାର୍କେଟରୁ ଅଳିଆ ଆବର୍ଜନା ଏବଂ ଭଙ୍ଗା ଲୁହା, ପଥର, ରଡ୍‌କୁ ଉଠାଇ ସଫା କରିବା ସହିତ ଜନସାଧାରଣଙ୍କ ଯାତାୟାତ ପାଇଁ ରାସ୍ତା ମରାମତି କରାଗଲେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଜଗତ୍ କଲ୍ୟାଣ ପାଇଁ ମଣ୍ଡପରେ ପ୍ରତିଦିନ ହୋମ କରାଯିବା ସହିତ ମାନସିକଧାରୀ ମାନସିକ ମୁତାବକ ଭୋଗ ଲାଗି କରିଥା'ନ୍ତି। ପୂଜା ଶାନ୍ତିଶୃଙ୍ଖଳାରେ ହେବା ଲାଗି ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଛି।

**ବଳଦେବ ସାହୁ, ସମ୍ପାଦକ, ପରିବା ଓ ମାଛ ମାର୍କେଟ ବ୍ୟବସାୟୀ ସଂଘ**

## ସଂକ୍ଷେପରେ

### କୂଅରୁ ଯୁବକଙ୍କ ମୃତଦେହ ଜବତ

ବୋଲଗଡ଼, ୧୭।୯(ଦେବବ୍ରତ ହୋତା)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ବେଣାଗାଡ଼ିଆ ଗ୍ରାମର ଏକ କୂଅରୁ ରବିବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଏହି ଗ୍ରାମର ବିଜୟ ବରାଡ଼(୨୩)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଗ୍ରାମର ଜଣେ ମହିଳାଙ୍କ ଧାନଜମି ବାଛିବାକୁ ବିଜୟ ମଜୁରିରେ ଯାଇଥିଲେ। ସନ୍ଧ୍ୟା ହୋଇଯାଇଥିଲେ ମଧ୍ୟ ବିଜୟ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ଗ୍ରାମର ମା' ତରେଇଶୁଣୀ ଠାକୁରାଣୀଙ୍କ କୂଅରୁ ବିଜୟଙ୍କୁ ଉଦ୍ଧାର କରାଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଙ୍କୋଇ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

### ପୂର୍ବତନ ସମିତିସଭ୍ୟଙ୍କୁ ଗାଳିଗୁଲଜ ଅଭିଯୋଗ

ଯାଁଳା, ୧୭।୯(ବୁଲା ବାରିକ)

ଜଟଣୀ ବ୍ଲକ ଛତାବର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ସରୋଜ ନାୟକଙ୍କୁ ସ୍ଥାନୀୟ ବିଧାୟକ ଗାଳିଗୁଲଜ କରିଥିବା ନେଇ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅଞ୍ଚଳରେ ଗତ ୧୧ତାରିଖରେ ଘଟିଥିବା ଏକ ଗଣ୍ଡଗୋଳ ମାମଲାର ସମାଧାନ ପାଇଁ ଶନିବାର ସରୋଜଙ୍କୁ ରାସ୍ତାରେ ବିଧାୟକ ଅଟକାଇବା ସହ ଚାପ ପକାଇଥିଲେ। ଯଦି ମାମଲାର ସମାଧାନ ନ ହୁଏ ବଦନାମ କରିଦେବି ବୋଲି ବିଧାୟକ କହିବା ସହ ଧମକ ଦେଇଥିଲେ। ଏପରିକି ସାମାଜିକ ଗଣମାଧ୍ୟମରେ ଗାଳିଗୁଲଜ କରୁଛନ୍ତି ବୋଲି ସରୋଜ ତାଙ୍କ ଅଭିଯୋଗପର୍ତ୍ତରେ ଦର୍ଶାଇଛନ୍ତି। ତେବେ ଏ ସମ୍ପର୍କରେ ବିଧାୟକଙ୍କ ମତାମତ ମିଳିପାରି ନାହିଁ। ଅନ୍ୟପକ୍ଷରେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବିଜୟ କୁମାର ବାରିକ କହିଛନ୍ତି।

## କାଲୁପଡ଼ାଘାଟ ରେଳ ୟୁଜର୍ସ କମିଟି ବୈଠକ

ଟାଙ୍ଗୀ, ୧୭।୯(ରଘୁନାଥ ସାହୁ)

କାଲୁପଡାଘାଟ ଷ୍ଟେଶନ ରେଳ ୟୁଜର୍ସ କମିଟିର ଏକ ବୈଠକ ରବିବାର ସଭାପତି ଚନ୍ଦ୍ରକାନ୍ତ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଶାନ୍ତି ଏକ୍ସପ୍ରେସ ରହଣି ଦିନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟବ୍ୟୟ ବିବରଣୀ ପ୍ରଦାନ, ଷ୍ଟେଶନର ଉନ୍ନତି ପାଇଁ ଖୋର୍ଦ୍ଧାରୋଡ୍ ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ ସହିତ ସାକ୍ଷାତ କରି ଆଲୋଚନା କରିବା, ଟିକେଟ କାଉଣ୍ଟରରେ ଦେଖାଯାଉଥିବା ବିଭିନ୍ନ ଅଭିଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। କମିଟିର ସଦସ୍ୟମାନଙ୍କର ଏକ ହ୍ୱାଟସ ଆପ ଗ୍ରୁପ ଗଠନ କରିବା, ମାସିକିଆ ଟିକେଟ ବୃଦ୍ଧି କରିବା ପାଇଁ ପ୍ରୟାସ, ପ୍ରତ୍ୟେକ ମାସର ଶେଷ ରବିବାର କମିଟିର ବୈଠକ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଦିଲ୍ଲୀପ କୁମାର ନାଥ, ରଘୁନାଥ ସାହୁ, ନରେନ୍ଦ୍ର କୁମାର ବିଶ୍ୱାଳ, ପ୍ରଭାକର ବିଶ୍ୱାଳ, ସାରଙ୍ଗଧର ବିଶ୍ୱାଳ, ତ୍ରିଲୋଚନ ସାହୁ, ଚନ୍ଦ୍ର ଶେଖର ମିଶ୍ର, ଆଦିକନ୍ଦ ଦାସ, ମିଲି ଦାସ, ରମେଶ ନାଥ, ସୁକଦେବ ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ମୁକ୍ତାର ସାକିର କନ୍‌ଷ୍ଟ୍ରକ୍ସନ ଫାଇଟର, ଅଲ୍‌ଷ୍ଟାର-୧୧ ବିଜୟୀ

ଜଟଣୀ, ୧୭।୯(ରବୀନ୍ଦ୍ର ନାଥ ମହାକୁଡ଼)

### ଦ୍ୱିତୀୟ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଞ୍ଜରୀ ପଞ୍ଚାୟତର ଇସ୍‌ଲାମ ଷ୍ଟାର କ୍ରିକେଟ ଖେଳପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ଅର୍ଥାତ୍ ରବିବାର ଦୁଇଟି ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍ ଏସ୍‌ଏସ୍ ୱାରିୟର୍ସ ଏବଂ ମୁକ୍ତାର ସାକିର କନ୍‌ଷ୍ଟ୍ରକ୍ସନ ଫାଇଟର ଟିମ୍ ମଧ୍ୟରେ ହେଇଥିଲା। ଏସ୍‌ଏସ୍ ୱାରିୟର୍ସ ପ୍ରଥମେ ବ୍ୟାଟିଂକରି ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୦୯ ରନ୍ ସଂଗ୍ରହ କରିଥିଲା। ଜବାବରେ ମୁକ୍ତାର ସାକିର ୧୪.୫ ଓଭରରେ ୬ ଉଇକେଟ ହରାଇ ୧୧୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ୩୭ ରନ୍ କରି ଏମ୍‌ଡି ଇଫ୍‌ତିକାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଆୟାନ ୱାରିୟର୍ ଏବଂ ଅଲ୍‌ଷ୍ଟାର-୧୧ ମଧ୍ୟରେ ହୋଇଥିଲା। ଆୟାନ ୱାରିୟର ପ୍ରଥମେ ବ୍ୟାଟିଂକରି ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଅଲ୍‌ଷ୍ଟାର-୧୧ ୧୩.୩ ଓଭରରେ ୧୧୫ ରନ୍ କରି ବିଜୟୀ ହୋଇଥିଲା। ଏମ୍‌ଡି ସାବାନ ୩୨ ରନ୍‌ରେ ୪ ଉଇକେଟ ନେବା ସହିତ ବ୍ୟାଟିଂରେ ୧୮ ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଇକ୍‌ବାଲ ଖାଁ ଏବଂ ଟୁକୁନା ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକ କର୍ମୀ ଏମ୍‌ଡି କୌଶର ଏବଂ ମୁମ୍‌ତାଜ ଖାନ୍ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ପ୍ରଦାନପୂର୍ବକ ଉତ୍ସାହିତ କରିଥିଲେ।

# ୨୦ କେଜି ଗଞ୍ଜେଇ ଜବତ: ୨ ଗିରଫ

ଟାଙ୍ଗୀ, ୧୭।୯(ରଘୁନାଥ ସାହୁ)

ଟାଙ୍ଗୀ ଥାନା ପୋଲିସ ରବିବାର ୨୦ କେଜି ୧୦୦ ଗ୍ରାମ୍ ଗଞ୍ଜେଇ ସହ ୨ଟି ବାଇକ୍ ଓ ୧ଲକ୍ଷ ୩୫ ହଜାର ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ସୁନ୍ଦରପୁର ଗ୍ରାମର ପ୍ରଫୁଲ୍ଲ ରାଉତ ଓ ଆସିକା ଥାନା ଅଧୀନ ଧୋବାବନ୍ଧ ଆପାର୍ଟମେଣ୍ଟର କୃଷ୍ଣପ୍ରସାଦ ପ୍ରହରାଜ। ଏନେଇ ଥାନାରେ ଏକ ମାମଲା (ନଂ.୬୩୫/୨୩)ରୁଜୁ ହୋଇଛି ବୋଲି ଆଇଆଇସି ସୁଶାନ୍ତ କୁମାର ବେହେରା କହିଛନ୍ତି। ସୂଚନା ମୁତାବକ, ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡେଶ୍ୱର ଛକଠାରେ ଟାଙ୍ଗୀ ପୋଲିସ ପକ୍ଷରୁ ଯାନବାହନ ଚେକିଂ କରାଯାଉଥିଲା। ଏହି ସମୟରେ କୃଷ୍ଣପ୍ରସାଦ ଏକ ବାଇକ୍‌ରେ ଗଞ୍ଜେଇ ନେଇ ପ୍ରଫୁଲ୍ଲଙ୍କୁ ବିକ୍ରି କରିବାକୁ ଆସୁଥିବା ବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ପରେ ପୋଲିସ ୨ଜଣଙ୍କୁ ଗିରଫ କରିଥିଲା।

# ଦେବଶିଳ୍ପୀଙ୍କୁ ଆରାଧନା



ଜଟଣୀ ସୀତାରାମ ଛକ ଅଟୋଷ୍ଟାଣ୍ଡ ମଣ୍ଡପ।



ଜଟଣୀ ଟ୍ରାଫିକ୍ କଲୋନୀ ସ୍ଥିତ ସିନିୟର ସେକ୍ସନ୍ ଇଞ୍ଜିନିୟର (ବ୍ରିଜ୍) ସାଉଥ୍ ପୂଜା ମଣ୍ଡାପ।



ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ।



ନିରାକାରପୁର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।



ବାଲୁଗାଁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।



କୁହୁଡି ମହାବୀର ଅଟୋ ଆସୋସିଏଶନ।



ମାଲୁଦ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।



ଜଟଣୀ ଟ୍ରାଫିକ୍ କଲୋନୀ ଅଟୋ ଷ୍ଟାଣ୍ଡ ।



ଯାଁଳା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।



ଜଟଣୀ ଟ୍ରାଫିକ୍ କଲୋନୀ ସ୍ଥିତ ସେକ୍ସନ୍ ଇଞ୍ଜିନିୟର ଇଲେକ୍ଟ୍ରିକାଲ (ପାୱାର) ମଣ୍ଡପ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୯।୨୦୨୩

| | |
|---|---|
| ୫,୩୨,୭୬୬ ଟଙ୍କା | |
| ସୁନା | ୧.୮୦୦ ଗ୍ରାମ୍ |
| ରୁପା | ୩୭ ଗ୍ରାମ୍ |

# ଦୁର୍ଦ୍ଧାନ୍ତ ଜଗନ ଗିରଫ: ୨ ବନ୍ଧୁକ, ଗୁଳି ଜବତ

### ସେବାୟତ କାଳିଆ ପଢ଼ିଆରୀ ହତ୍ୟାକାଣ୍ଡରେ ସମ୍ପୃକ୍ତ

ପୁରୀ, ୧୭।୯(ଅଜିତ ମହାନ୍ତି): ବହୁ ଚର୍ଚ୍ଚିତ ସେବାୟତ କାଳିଆ ପଢ଼ିଆରୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୁର୍ଦ୍ଧାନ୍ତ ଅଭିଯୁକ୍ତ ସଦର ଥାନା ଅନ୍ତର୍ଗତ ଆମ୍ବପଡ଼ାର ଜଗନ ଖଟେଇଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ତାଙ୍କ ପାଖରୁ ଦୁଇଟି ବନ୍ଧୁକ ଓ ଏକ ଜୀବନ୍ତ ଗୁଳି ସହ ମୋବାଇଲ ଜବତ କରାଯାଇଛି। ଏନେଇ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି ମିଶ୍ର କହିଛନ୍ତି, ପୁରୀରେ ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଡ୍ରାଇଭ ଚାଲିଛି। ଏହି ପରିପ୍ରେକ୍ଷୀରେ ଜଗନ ଜାମିନ୍‌ରେ ଆସିବା ପରେ ତାଙ୍କ ଉପରେ ପୋଲିସର ତୀକ୍ଷ୍ଣ ନଜର ରହିଥିଲା। ଶନିବାର ଜଗନ ହଳଦିଆ ଛକଠାରେ କେତେଜଣ ଅପରାଧୀଙ୍କୁ ବନ୍ଧୁକ ବ୍ୟବସାୟ ପାଇଁ ଅପେକ୍ଷା କରିଥିବା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହାପରେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଗନଙ୍କୁ କାବୁ କରି ତାଙ୍କଠାରୁ ଦୁଇଟି ବନ୍ଧୁକ ଓ ଗୋଟିଏ ଜୀବନ୍ତ ଗୁଳି ଜବତ କରିଥିଲା। ପୋଲିସ ଏନେଇ ଏକ କେସ୍ (ନଂ. ୨୦୫/୨୩) ରୁଜୁ କରିଛି। ଜଗନ ପୁରୀର ବହୁଚର୍ଚ୍ଚିତ ସେବାୟତ କାଳିଆ ପଢ଼ିଆରୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ବେଳେ କିଛିଦିନ ତଳେ ଜାମିନରେ ବାହାରକୁ ଆସିଥିଲେ। ଏହାପରେ ସେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହିଥିଲେ। ପୂର୍ବରୁ ଜଗନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ ଏବଂ ସଦର ଥାନା ଅଧିକାରୀ ଉପସ୍ଥିତ ଥିଲେ।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି।



ଜବତ ବନ୍ଧୁକ, ଗୁଳି ଓ ମୋବାଇଲ।

# ପ୍ରଧାନମନ୍ତ୍ରୀଙ୍କଠାରୁ ସମ୍ମାନିତ ହେଲେ ବସନ୍ତ ରଣା

ପୁରୀ, ୧୭।୯(ଅଜିତ ମହାନ୍ତି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦ୍ୱାରକାଠାରେ ପି.ଏମ୍. ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ଶିଳ୍ପୀଙ୍କୁ ସମ୍ମାନିତ କରିଥିଲେ। ଓଡ଼ିଶା ତଥା ପୁରୀର ବସନ୍ତ ରଣାଙ୍କୁ ପ୍ରଧାନମନ୍ତ୍ରୀ ସମ୍ମାନିତ କରିଥିଲେ। ବସନ୍ତ ଶ୍ରୀମନ୍ଦିର ସେବାୟତ ତଥା ମହାପ୍ରଭୁଙ୍କ ବିଭିନ୍ନ ବେଶ ସୋଲ ଏବଂ ଫୁଲରେ ପ୍ରସ୍ତୁତ କରିଥାନ୍ତି। ସେହିପରି ସେ ରଥଯାତ୍ରା ପହଣ୍ଡି ସମୟରେ ମହାପ୍ରଭୁଙ୍କ ମସ୍ତକରେ ଶୋଭାଯାଉଥିବା ଟାହିଆ ନିର୍ମାଣ କରିଥାନ୍ତି। ରଣା ପ୍ରଧାନମନ୍ତ୍ରୀଙ୍କ ଠାରୁ ସମ୍ମାନିତ ହୋଇଥିବାରୁ ଶ୍ରୀମନ୍ଦିର ସେବାୟତଙ୍କଠାରୁ ଆରମ୍ଭ କରି ପୁରୀବାସୀ ଖୁସି ବ୍ୟକ୍ତ କରିଛନ୍ତି।



ବସନ୍ତ ରଣାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ମାନିତ କରୁଛନ୍ତି ।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ସମ୍ପନ୍ନ

ପୁରୀ,୧୭।୯(ଅଜିତ ମହାନ୍ତି) ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଚାଲିଛି। ଏହି କ୍ରମରେ ଭାଦ୍ରବ ମାସ ଶୁକ୍ଳ ଦ୍ୱିତୀୟା ତିଥି ରବିବାର ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ବଢ଼ିବା ପରେ ମହାଜନ ସେବକଙ୍କ ହସ୍ତରେ ଶ୍ରୀମଦନମୋହନ ରତ୍ନସିଂହାସନକୁ ବିଜେ ହୋଇଥିଲେ। ସେଠାରେ ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇ ନାଟମନ୍ଦିର ଖଟଶେଜରେ ବିଜେ କରିଥିଲେ। ଶୀତଳ ଭୋଗ ଓ ବନ୍ଦାପନା ପରେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ନିକୁଞ୍ଜ ଲୀଳା ପ୍ରସ୍ତାବ ଆଗତ କରାଯାଇଥିଲା। ଦ୍ୱାପରଯୁଗରେ ଶ୍ରୀକୃଷ୍ଣଙ୍କ ଲୀଳାକୁ ସ୍ମରଣ କରାଯାଇ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହେଉଛି। ମହାପ୍ରଭୁଙ୍କ ବିଭିନ୍ନ ଲୀଳା ମଧ୍ୟରୁ ଏହା ଅନ୍ୟତମ।

### ବିପଦସଙ୍କେତ ଉପରେ ଦୟାନଦୀ

କଣାସ,୧୭।୯ (ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକରେ ବର୍ଷା ଯୋଗୁ ଦୟା, ରାଜୁଆ, ମକରା, କାଣିଆ, ଲୁଣାନଦୀରେ ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। କଣାସ ଠାରେ ଦୟାନଦୀର ବିପଦସଙ୍କେତ ୩.୯୯ ମି.ମି ଥିବାବେଳେ ରବିବାର ୪.୫୫ ମି.ମିରେ ଜଳସ୍ତର ପ୍ରବାହିତ ହେଉଥିବା ସୂଚନା ମିଳିଛି। ଦୟା ଓ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡ଼ା, ବଡାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ଗଡବଳଭଦ୍ରପୁର, ସବଲଙ୍ଗ ପ୍ରଭୃତି ଗ୍ରାମର ଧାନ ଓ ପରିବା ଫସଲ ଜମିରେ ବନ୍ୟାଜଳ ଲହଡିଭାଙ୍ଗୁଛି। ନଦୀପଠାଗୁଡ଼ିକରେ ଚାଷ ହୋଇଥିବା ପରିବା ଫସଲ ବନ୍ୟାଜଳରେ ବୁଡ଼ିଯାଇଛି।

### ଦାଦାବଟି ମାଗିବା ଅଭିଯୋଗରେ ଜଣେ ଗିରଫ

ନିମାପଡ଼ା,୧୭।୯(ବିଚିତ୍ରାନନ୍ଦ ସାହୁ) ଦାଦାବଟି ମାଗିବା, ମାଡ଼ ମାରିବା ଅଭିଯୋଗରେ ନିମାପଡ଼ା ଥାନା ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ତାଳବଣିଆ ଥାନା ଅଞ୍ଚଳର ମୁନା ସେଠୀ(୨୦)। ଏନେଇ ପୋଲିସ ଦଫା ୩୪୧, ୨୯୪, ୩୮୬, ୫୦୬ରେ ୩୨୯/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ମୁନାଙ୍କଠାରୁ ଏକ ବାଇକ ଜବତ କରିଛି। ଜବତ ବାଇକ୍‌ଟି ଚୋରା ବାଇକ୍ ଓ ବାଇକ୍‌ଟି ଭୁବନେଶ୍ୱର ବରଗଡ଼ ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ନିମାପଡ଼ା ଏନ୍‌ଏସି ଅଧୀନ ଅଣ୍ଡିଆ ସାହି ଗ୍ରାମର ମନୋରଞ୍ଜନ ପାତ୍ର (୪୩) ରବିବାର ସକାଳେ ନିକଟ ସର୍ବାପଡ଼ା ଗ୍ରାମ ଛକଠାରେ ଠିଆ ହୋଇଥିଲେ। ମୁନା ତାଙ୍କ ପାଖରେ ପହଞ୍ଚି ତୁ ଜମି କାରବାର କରୁଛୁ, ମତେ ୫୦ ହଜାର ଟଙ୍କା ଦେ ବୋଲି କହି ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ମନୋରଞ୍ଜନ ଏଥିରେ ପ୍ରତିବାଦ କରିବାରୁ ମୁନା କ୍ରୋଧାନ୍ୱିତ ହୋଇ ତାଙ୍କୁ ମାଡ଼ ମାରିଥିଲେ। ଏନେଇ ମନୋରଞ୍ଜନ ଥାନାରେ ଅଭିଯୋଗ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ମୁନାଙ୍କ ବିରୋଧରେ ପୂର୍ବରୁ ନିମାପଡ଼ା ଥାନାରେ ଏକାଧିକ ଆପରାଧିକ ମାମଲା ରହିଥିବାବେଳେ ଗତ କିଛି ମାସ ତଳେ ଏକ ଚୋରି ମାମଲାରେ ନିମାପଡ଼ା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି।



ପୁରୀ: ନୀଳାଚଳ ଅଟୋ ଚାଳକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ।



ବିଶ୍ୱକର୍ମା ଟ୍ୟାକ୍ସି କର୍ମଚାରୀ ସଂଘ ପକ୍ଷରୁ ଦେବଶିଳ୍ପୀଙ୍କ ଆରାଧନା । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଭାଜପାର ସେବା ସପ୍ତାହ

ନିମାପଡ଼ା,୧୭।୯(ବିଚିତ୍ରାନନ୍ଦ ସାହୁ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ରବିବାର ଭାଜପା ପକ୍ଷରୁ ସେବା ସପ୍ତାହ ପାଳିତ ହୋଇଯାଇଛି। ଭାଜପା ବରିଷ୍ଠ ନେତା ଦିଲୀପ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଟିମ୍ ନିମାପଡ଼ା ମେଡିକାଲରେ ପହଞ୍ଚି ରୋଗୀଙ୍କୁ ଫଳ, କ୍ଷୀର, ବିସ୍କୁଟ, ପାଉଁରୁଟି ଆଦି ବାଣ୍ଟିଥିଲେ। ଏଥିସହ ଡାକ୍ତରଖାନା ପରିଦର୍ଶନ କରି ରୋଗୀଙ୍କ ସମସ୍ୟା ପଚାରି ବୁଝିଥିଲେ। ବରିଷ୍ଠ ନେତା ନାୟକଙ୍କ ସହ ନିମାପଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରଦୀପ ନାୟକ, ବରିଷ୍ଠ ନେତା ମାନସ ପ୍ରଧାନ, ଶୁଭ୍ରଜିତ୍ ନାୟକ, ସନ୍ତୋଷ ରଥ, ଅଜୟ ଭୋଇ, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନିମାପଡ଼ା ଆରାଧ୍ୟ ଦେବତା ବାସୁଦେବଙ୍କ ମନ୍ଦିରରେ ଏକ ସମୂହ ଦୀପଦାନ ଆୟୋଜିତ ହୋଇଥିଲା। ଭାଜପା ବରିଷ୍ଠ ନେତ୍ରୀ ପ୍ରଭାତୀ ପରିଡ଼ା, ମହିଳା ମୋର୍ଚ୍ଚା ନେତ୍ରୀ ମୀନଲତା ମହାନ୍ତି, ପ୍ରଣୟିନୀ ମିଶ୍ର, ସ୍ୱର୍ଣ୍ଣପ୍ରଭା ମାଝୀ, ରଞ୍ଜିତା ପାତ୍ର, ମୀନାକ୍ଷୀ ଦାଶଙ୍କ ନେତୃତ୍ୱରେ ବହୁ ମହିଳା ବାସୁଦେବଙ୍କ ମନ୍ଦିରରେ ସମୂହ ଦୀପଦାନ କରି ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୀର୍ଘାୟୁ କାମନା କରିଥିଲେ।

# ବିଦ୍ୟାଳୟସମୂହ ଜିମ୍ନାଷ୍ଟିକ୍, କୁସ୍ତି, ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା

ପୁରୀ, ୧୭।୯(ଅଜିତ ମହାନ୍ତି): ପୁରୀ ଜିଲା ସ୍କୁଲ୍‌ଠାରେ ରାଜ୍ୟ ବିଦ୍ୟାଳୟସମୂହ ବାଳିକା ବାଳକ ଜିମ୍ନାଷ୍ଟିକ୍, କୁସ୍ତି ଓ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। ଏଥିରେ ବିଭିନ୍ନ ଜିଲାରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି। ମୁଖ୍ୟ ଅତିଥି ଭାବେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ ସହ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ କରି ଜିଲା, ରାଜ୍ୟ ଓ ଦେଶର ସମ୍ମାନ ରକ୍ଷା କରିବା ପାଇଁ କ୍ରୀଡାବିତ୍‌ମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସଭାପତି ତଥା ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ୍ ଘୋଷ ଖେଳର ଉପାଦେୟତା ସମ୍ପର୍କରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ବିଦ୍ୟାଳୟ କ୍ରୀଡ଼ା ବିଭାଗର ଅତିରିକ୍ତ କ୍ରୀଡ଼ା ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ପୁରୀ ଜିଲା ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ବରିଷ୍ଠ ସାମ୍ବାଦିକ ଶଙ୍କର ବେହେରା ଓ ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ପୁରୀ ଜିଲା ବିଦ୍ୟାଳୟ ସମୂହ କ୍ରୀଡ଼ାଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ କ୍ରୀଡ଼ା ପ୍ରତିଯୋଗିତାକୁ ସଂଯୋଜନା କରିବା ସହ ସଭା ଶେଷରେ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବିଦ୍ୟାଧର ମିଶ୍ର ମଞ୍ଚ ପରିଚାଳନା କରିଥିଲେ।



ପ୍ରତିଯୋଗିତା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

# ୪ ଡିଲର କେନ୍ଦ୍ରକୁ କାରଣ ଦର୍ଶାଅ ନୋଟିସ

### ମୃତକଙ୍କ ନାମରେ ଚାଉଳ ହଡ଼ପ ଘଟଣା

ଗୋପ,୧୭।୯(ଭାରତୀ ଭୂଷଣ ଉପାଧ୍ୟାୟ) ଗୋପ ବ୍ଲକ ଅଧୀନ ମହଲପଡ଼ା ପଞ୍ଚାୟତରେ ଥିବା ୪ ଡିଲର କେନ୍ଦ୍ରରେ ମୃତ ଲୋକଙ୍କ ନାମରେ ଚାଉଳ ହଡ଼ପ ଘଟଣାକୁ ନେଇ ଶନିବାର ଡିଲର କେନ୍ଦ୍ରକୁ ବ୍ଲକ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ବ୍ଲକ ଚିଠି ନଂ. ୩୪୦୯, ତା–୧୪/ ୯/ ୨୦୨୩ରେ ହୋଇଥିବାବେଳେ ଏବେ ଡିଲରଙ୍କୁ ବଞ୍ଚାଇବା ଲାଗି ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ତରବରିଆ ଭାବରେ ରାଶନ୍ କାର୍ଡରୁ ମୃତ ହିତାଧିକାରୀଙ୍କ ନାମ କଟାଯାଉଥିବା ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ ଅଭିଯୋଗ କରିଛନ୍ତି। ଆଉ ମଧ ଡିଲରମାନେ ମୃତକ ପରିବାର ସଦସ୍ୟଙ୍କୁ ହଡ଼ପ କରିଥିବା ଚାଉଳ ଟଙ୍କା ଦେଇ ତଦନ୍ତବେଳେ ଚାଉଳ ନେଉଥିବା ତଥ୍ୟ ଦେବାକୁ କହୁଥିବା ଭଳି ଅଭିଯୋଗ ରହିଛି। ପ୍ରକାଶ ଯେ, ଗତ ୧୩ ତାରିଖରେ ମହଲପଡ଼ାର ୪ ଡିଲର କେନ୍ଦ୍ରରେ ରାଶନ୍ କାର୍ଡ ମାଧ୍ୟମରେ ମୃତକଙ୍କ ନାମରେ ଚାଉଳ ଉଠୁଥିବା ପୁରୀ ଜିଲାପାଳଙ୍କ ନିକଟରେ ସରପଞ୍ଚଙ୍କ ଅଭିଯୋଗ ନେଇ ତଥ୍ୟ ଭିତ୍ତିକ ଖବର ପ୍ରକାଶିତ ହୋଇଥିଲା। ପରେ ବ୍ଲକ ଯୋଗାଣ ବିଭାଗ ଏହାକୁ ଗୁରୁତ୍ୱ ଦେଇ ତଦନ୍ତ ଆରମ୍ଭ କରି ଡିଲର କେନ୍ଦ୍ରକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ରାଶନ୍ କାର୍ଡରେ ବର୍ଷ ବର୍ଷ ଧରି ମୃତକଙ୍କ ନାମରେ ଚାଉଳ ହଡ଼ପ ହେଉଥିଲେ ମଧ କେମିତି ବ୍ଲକ ଯୋଗାଣ ବିଭାଗ ନିକଟରେ ଖବର ନ ଥିଲା, ନା ଡିଲରମାନେ ଯୋଗାଣ ବିଭାଗକୁ ଲୁଚାଇ ଚାଉଳ ହଡ଼ପ କରୁଥିଲେ ତାହା ଏବେ ତଦନ୍ତସାପେକ୍ଷ ହୋଇ ପଡ଼ିଛି। ପଞ୍ଚାୟତର ୨ ଗୋଟି ମହିଳା ଗୋଷ୍ଠୀ ନାମରେ ଡିଲର କେନ୍ଦ୍ର ରହିଥିବାବେଳେ ଆଉ ୨ ବ୍ୟକ୍ତିଙ୍କ ନାମରେ ଅନ୍ୟ ଦୁଇ ଡିଲର କେନ୍ଦ୍ର ରହିଥିବା ଅଭିଯୋଗପତ୍ରରୁ ଜଣାପଡିଛି। ଏନେଇ ସରପଞ୍ଚ ନାୟକ ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ଅଭିଯୋଗ କରିବାରୁ ଜିଲାପାଳ ତୁରନ୍ତ ବ୍ଲକ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗକାରୀ ସରପଞ୍ଚ ନାୟକଙ୍କୁ ପଚାରିବାରେ, ବର୍ଷ ବର୍ଷ ଧରି ମୃତକଙ୍କ ନାମରେ ଚାଉଳ ହଡ଼ପ ହେଉଥିବାବେଳେ ନୂଆ ହିତାଧିକାରୀଙ୍କ ନାମ କାର୍ଡରେ ଯୋଡ଼ି ହୋଇପାରୁ ନ ଥିଲା। ଡିଲର ଏପରି ଅଭିଯୋଗକୁ ଗୁରୁତ୍ୱ ନ ଦେବାରୁ ସେ ଅଭିଯୋଗ କରିଥିବା କହିଥିଲେ। ଏନେଇ ବ୍ଲକ ଯୋଗାଣ ବିଭାଗ ଅଧିକାରୀ ପ୍ରଦୀପ୍ତ ସେଠୀ କାରଣ ଦର୍ଶାଅ ନୋଟିସ ଜାରି କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

କାକଟପୁର,୧୭।୯(ଶୁଭଦର୍ଶନ ମିଶ୍ର) କାକଟପୁର, କଲେଜ ଛକ, ବ୍ଲକ ଛକ, ଓଥକା, କୁଣ୍ଢେଇ, ମେଡିକାଲ ଛକ ବାଙ୍ଗୁରୀ ଗାଁ, ଆନନ୍ଦବଜାର ପ୍ରଭୃତି ଅଞ୍ଚଳରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନ, ଶିକ୍ଷାନୁଷ୍ଠାନ, ମା' ମଙ୍ଗଳା ଅଟୋ ଆସୋସିଏଶନ, ବସ୍ ଆସୋସିଏଶନ, କାର ଆସୋସିଏଶନ, ଏମ୍ଏମ୍ ଭିଜନର ସ୍ୱତ୍ୱାଧିକାରୀ କମଳଲୋଚନ ଦିକ୍ଷୀତ, ମଙ୍ଗଳା ଅଟୋ ଗ୍ୟାରେଜ ପରିଚାଳକ ଟୁକୁନା ଭାଇଙ୍କ ତତ୍ତ୍ୱାବଧାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମହାସମାରୋହରେ ରବିବାର ପାଳିତ ହୋଇଯାଇଛି। କରୋନା କଟକଣାରେ ପୂଜା ଉତ୍ସବ ବନ୍ଦ ଥିଲାବେଳେ ଚଳିତବର୍ଷ ଧୁମଧାମରେ ବିଭିନ୍ନ ଆଲୋକମାଳା, ନୂତନ ତୋରଣ, ଆକର୍ଷଣୀୟ ସାଜସଜାରେ କାକଟପୁର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଛକ ଜାଗାଗୁଡ଼ିକରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଉନ୍ନୟନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ପିପିଲି,୧୭।୯ (ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର) ପିପିଲି ବ୍ଲକ ଓରକଳ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପକୁ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ରବିବାର ଉଦ୍‌ଘାଟନ କରିଛନ୍ତି। ଏଥିସହ ମାଟିଆପଡ଼ା ୱାର୍ଡ ନଂ.୧ରେ ଗଣେଶ ମଣ୍ଡପ ଏବଂ ଗୋବର୍ଦ୍ଧନପୁର ସୁଲତାନ ନଗର ଗ୍ରାମର କମ୍ୟୁନିଟି ହଲ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଜନ ହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚିବା ସରକାରଙ୍କ ମୂଳ ଲକ୍ଷ୍ୟ। ଏହାକୁ କିଭଳି ଲୋକଙ୍କ ପାଖରେ ପହଞ୍ଚାଯିବ ସେନେଇ ଉଦ୍ୟମ ଜାରି ରଖିଥିବା ବିଧାୟକ ମହାରଥୀ କହିଥିଲେ। ଏଥିସହିତ ନୂତନ ଭାବେ ନିର୍ମାଣ ହୋଇଥିବା ଗ୍ରାମ୍ୟ ରାସ୍ତାକୁ ବୁଲି ଦେଖିବା ସହ ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ସମ୍ମାନିତ ଅତିଥି ଭାବେ ପିପିଲି ବ୍ଲକ ଅଧ୍ୟକ୍ଷା ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପୂର୍ବତନ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ ବାବୁ, ଆତ୍ମା ଅଧ୍ୟକ୍ଷ ପ୍ରକାଶ ଧଳ, ବିଧାୟକ ପ୍ରତିନିଧି ଆର୍ତ୍ତବନ୍ଧୁ ସାମନ୍ତରାୟ, ପୁରୀ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ସରପଞ୍ଚ ସରୋଜିନୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଉନ୍ନୟନ ପ୍ରକଳ୍ପକୁ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଉଦ୍‌ଘାଟନ କରୁଛନ୍ତି।

# ମହାପ୍ରଭୁଙ୍କୁ ଗୁହାରି ଜଣାଇଲେ ୬୦ ସାମ୍ବାଦିକ

- ଅବସରକାଳୀନ ପେନ୍‌ସନ ଦିଆଯାଉ
- ସୁରକ୍ଷା ଆଇନ ପ୍ରଣୟନ କରାଯାଉ

ପୁରୀ, ୧୭।୯(ଅଜିତ ମହାନ୍ତି): ରାଜ୍ୟର ବିଭିନ୍ନ ଜିଲାର ୬୦ଜଣ ବରିଷ୍ଠ ସାମ୍ବାଦିକ ରବିବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ଅଳି ଜଣାଇଛନ୍ତି। ଓଡ଼ିଶା ବରିଷ୍ଠ ସାମ୍ବାଦିକ ସଂଘର ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କୁ ସଦ୍‌ବୁଦ୍ଧି ଦେବା ପାଇଁ ସେମାନେ ମହାପ୍ରଭୁଙ୍କୁ ଗୁହାରି କରିଛନ୍ତି। ସଂଘ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପାଳିଆ ସେବାୟତଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ସାମ୍ବାଦିକଙ୍କ ଦୁଃଖ ଓ ଦାବି ସମ୍ପର୍କରେ ଉଲ୍ଲେଖ କରାଯାଇଛି।

ଏ ନେଇ ଡେଲ୍‌ଟା ମଙ୍ଗଳା ମନ୍ଦିର ପରିସରରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀର ବରିଷ୍ଠ ସାମ୍ବାଦିକ ସରୋଜ କୁମାର ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଜିଲାରୁ ବହୁ ଖବରଦାତା ଯୋଗଦେଇଥିଲେ। ସାମ୍ବାଦିକଙ୍କ ଅବସରକାଳୀନ ପେନ୍‌ସନ ସମେତ ଅନ୍ୟ ରାଜ୍ୟଗୁଡିକ ଭଳି ସୁରକ୍ଷା ଆଇନ ପ୍ରଣୟନ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ସଂଘ ପକ୍ଷରୁ ସରକାରଙ୍କୁ ପୂର୍ବରୁ ଦିଆଯାଇଥିବା ଏହି ଦାବିଗୁଡିକ ଶୀଘ୍ର ପୂରଣ କରିବା ପାଇଁ ନିବେଦନ କରାଯାଇଥିଲା। ଦୀର୍ଘଦିନ ହେବ ସଂଘ ଦାବିପତ୍ର ଦେଇଥିବାବେଳେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ୩ ଥର ଆଲୋଚନା କରିସାରିଲାଣି। ହେଲେ ପଦକ୍ଷେପ ନିଆଯାଉନାହିଁ। ଏହା ଭିତରେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଜିଲାପାଳ ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇସାରିଛନ୍ତି। କିଛି ଖୁସି ଖବର ଆସିବ ବୋଲି ଅଧିକାରୀଙ୍କଠାରୁ ଆଶ୍ୱାସନା ମିଳିଛି ବୋଲି ସଂଘ ରାଜ୍ୟ ସଭାପତି କାହ୍ନୁ ଚରଣ ନନ୍ଦ କହିଥିଲେ। ତେବେ ତୁରନ୍ତ ଦାବି ପୂରଣ ନ ହେଲେ ଅଦାଲତଙ୍କ ଦ୍ୱାରସ୍ଥ ହେବୁ ବୋଲି ନନ୍ଦ ପ୍ରକାଶ କରିଥିଲେ। ଏହି ଅବସରରେ ସଂଘର ଜିଲା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ସରୋଜ କୁମାର ମିଶ୍ର ଓ ସାଧାରଣ ସମ୍ପାଦକ ଭାବେ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କୁ ସର୍ବସମ୍ମତ କ୍ରମେ ଦାୟିତ୍ୱ ଦିଆଯାଇଥିଲା। ବୈଠକରେ ରାଜ୍ୟ ଉପସଭାପତି ପ୍ରଦୀପ୍ତ କିଶୋର ଚୌଧୁରୀ, ରାଜ୍ୟ ସାଧାରଣ ସମ୍ପାଦକ ଆଶୁତୋଷ ବେହେରା, ମହେଶ୍ୱର ତ୍ରିପାଠୀ, ପ୍ରଦ୍ୟୁମ୍ନ ରଥ, ବିପ୍ଳବ ମହାନ୍ତି, ଅମର ଜ୍ୟୋତି ସାହୁ, ଅମରନାଥ ପରିଡାଙ୍କ ସମେତ ପୁରୀର ଦେବୀପ୍ରସନ୍ନ ଗାଙ୍ଗୁଲି, ଯଜ୍ଞେଶ୍ୱର ମହାନ୍ତି, ରଞ୍ଜନ ଗାଙ୍ଗୁଲି, ଜୁପିଟର ଦାସ, ନୃସିଂହ ଚରଣ ମହାନ୍ତି, ଗୁରୁଚରଣ ଦାସ, ସଞ୍ଜୟ କୁମାର ଅଗ୍ରୱାଲ, ପ୍ରଦୀପ କୁମାର ନାୟକ, ଅନନ୍ତ ନାରାୟଣ ମିଶ୍ର, ଅଶୋକ କୁମାର ମିଶ୍ର, ପଠାଣି ଜେନା, ବେଣୁଧର ପାତ୍ର, ତପନ ସେଠୀ, ଭୀମସେନ ସ୍ୱାଇଁ, ବସନ୍ତ ମିଶ୍ର ଏବଂ ସନ୍ତୋଷ ଚନ୍ଦୁକା ପ୍ରମୁଖ ଯୋଗଦେଇଥିଲେ।



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଓଡ଼ିଶା ବରିଷ୍ଠ ସାମ୍ବାଦିକ ସଂଘ ପକ୍ଷରୁ ଦୀପଦାନ କରାଯାଉଛି ।

# ଆଜି ଜାତୀୟ ବାଉଁଶ ଦିବସ

# ବାଉଁଶ ଦେଇଛି ଜୀବିକା

**ବାଉଁଶ ଦେଇଛି ଜୀବିକା, ପାଲଟିଛି ବେସାହାରାଙ୍କ ସାହାରା। ଗାଁର ସୁରକ୍ଷା ବାଡ଼ଠାରୁ ଆରମ୍ଭ କରି ଘର ଛପର, ଘରୋଇ ଉପକରଣ ଓ ସାଜସଜ୍ଜା ସାମଗ୍ରୀଠାରୁ ସହରର ନଭଶ୍ଚୁମ୍ବୀ କୋଠା ନିର୍ମାଣ, ସବୁଥିରେ ବାଉଁଶର ବ୍ୟବହାର ହେଉଛି। ତେଣୁ ଭାରତରେ ସେପ୍ଟେମ୍ବର ୧୮କୁ ଜାତୀୟ ବାଉଁଶ ଦିବସ ଭାବେ ପାଳନ କରାଯାଉଛି। ବାଉଁଶର ବ୍ୟବହାର ଓ ରକ୍ଷଣାବେକ୍ଷଣା ଦିଗରେ ଲୋକଙ୍କୁ ଅବଗତ କରାଇବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।**





## ତାଟିବସ୍ତିରେ ଘରେ ଘରେ ବାଉଁଶ କାରିଗର

ଭୁବନେଶ୍ୱର,୧୭।୯
(ଅନୁରାଧା ମହାରଣା)

ରାଜଧାନୀରେ ଏମିତି ଏକ ବସ୍ତି ଅଛି, ଯେଉଁଠାରେ ଘରେ ଘରେ ବାଉଁଶ କାରିଗର ରହିଛନ୍ତି। ପ୍ରାୟ ୩୫ ପରିବାର ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରି ତାହାକୁ ବିକି ନିଜ ଗୁଜରାଣ ମେଣ୍ଟାଉଛନ୍ତି। ୟୁନିଟ୍-୧ ହାଟ ପାର୍ଶ୍ୱ ତାଟିବସ୍ତିର ମହିଳା ଓ ପୁରୁଷ ବାଉଁଶ ତିଆରି ଝୁଡ଼ି, ତାଟି, ପଟି, ପୂଜା ତୋରଣ ଓ ଘରସଜ୍ଜା ଜିନିଷ ତିଆରି କରି ରାଜଧାନୀବାସୀଙ୍କ ଆବଶ୍ୟକତାକୁ ମେଣ୍ଟାଉଛନ୍ତି। ପିଢ଼ି ପରେ ପିଢ଼ି ଏହି ପରିବାରଗୁଡ଼ିକ ବାଉଁଶକୁ ନେଇ କାର୍ଯ୍ୟ କରିଆସୁଛନ୍ତି। ପୂର୍ବରୁ ଏମାନଙ୍କ ପୂର୍ବ ପିଢ଼ି ୟୁନିଟ୍-୨ ଅଞ୍ଚଳରେ ରହି ଏହି କାର୍ଯ୍ୟ କରି ଆସୁଥିବାବେଳେ ୧୯୯୯ ମସିହାଠାରୁ ଏଠାକୁ ସ୍ଥାନାନ୍ତରିତ ହୋଇ କଲୋନୀ ଭଳି ରହି ଆସୁଛନ୍ତି। ବାରିପଦାରୁ ଆସୁଥିବା ସ୍ୱତନ୍ତ୍ର କିସମର କଞ୍ଚା ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି ହେଉଥିବାବେଳେ କାରିଗରଙ୍କ ନିଖୁଣତା ସେଥିରେ ବାରି ହୋଇପଡୁଛି। ପ୍ରଥମେ ବାଉଁଶର ଉପର ଭାଗ ସଫା କରିବା ପରେ ମେଶିନ, କରତ କିମ୍ବା କଟୁରି ସାହାଯ୍ୟରେ ଚିରିବା ଓ କାଟିବା କାମ କରନ୍ତି। ସରୁ ସରୁ ପାତିଆ ପ୍ରସ୍ତୁତ କରି ପରସ୍ପର ସହ ଛନ୍ଦି ବିଭିନ୍ନ ଜିନିଷ ତିଆରି କରନ୍ତି। ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇଥିବାରୁ କାରିଗରମାନେ ତୋରଣ ତିଆରିରେ ବ୍ୟସ୍ତ ଅଛନ୍ତି। ସାଧାରଣତଃ ବିଶ୍ୱକର୍ମା ପୂଜା, ଖୁଦୁରୁକୁଣୀ ପୂଜା, ଗଣେଶ ପୂଜା ଓ ସରସ୍ୱତୀ ପୂଜା ଆଦି ସମୟରେ ବେପାର ଭଲ ହୋଇଥାଏ। ତାରା, ଘର ଆଦି ବିଭିନ୍ନ ଆକୃତିର ବାଉଁଶ ତୋରଣରେ ନଡ଼ା ଛପର କରି ବିକନ୍ତି। ୬୦୦ଟଙ୍କାରୁ ଆରମ୍ଭ କରି ଆକୃତି ଓ ବରାଦ ଅନୁସାରେ ଏମାନେ ପ୍ରତିବର୍ଷ ଏହି ତୋରଣ ପ୍ରସ୍ତୁତ କରନ୍ତି। ଏହାଛଡ଼ା ବର୍ଷସାରା ଘରୋଇ ସାମଗ୍ରୀ କାରବାର ହୋଇଥାଏ। କୁଲା, ଡାଲା ଆଦିର ଦାମ ୧୦୦ଟଙ୍କାରୁ ଆରମ୍ଭ ହୋଇଥାଏ। ସେହିପରି ଝୁଡ଼ି ଓ ପଟି, ତାଟି ଆଦିର ଦାମ ମଧ୍ୟ ଭିନ୍ନ ଭିନ୍ନ ରହିଛି। ଶ୍ରମିକ ଶ୍ରେଣୀର ଲୋକେ ଏଠାରୁ ବାଉଁଶ ଝୁଡ଼ି କିଣି ନେଉଥିବାବେଳେ ମେଳା ମହୋତ୍ସବରେ ମଧ୍ୟ ଷ୍ଟଲ ପକାଇ ଏମାନେ ବାଉଁଶ ତିଆରି ଜିନିଷ ବିକନ୍ତି।

### ନଇଁଲା ଅଣ୍ଟାରେ ବଞ୍ଚାଇଛନ୍ତି କୌଳିକ ବୃତ୍ତି

ସ୍ତ୍ରୀଙ୍କୁ ୭୦, ସ୍ୱାମୀଙ୍କୁ ୮୦ ଡେଇଁଲାଣି। ନଇଁଗଲାଣି ଅଣ୍ଟା, ପଡ଼ିଗଲାଣି ଦାନ୍ତ। ତଥାପି ନିଜ କୌଳିକ ବୃତ୍ତିକୁ ଛାଡ଼ିପାରିନାହାନ୍ତି ତାଟିବସ୍ତିର ବୃଦ୍ଧ ଦମ୍ପତି ପି. ଅପନ୍ନା ଓ ପି. ପାର୍ବତୀ। ଆଖିରେ ଚଷମା ଲଗାଉଛନ୍ତି ସତ, ମାତ୍ର ଧାନ ବା ପଟି ବୁଣିବାରେ ଟିକେ ବି ଭୁଲ୍ ହେଉନି। ସେମାନଙ୍କର ଜଣେ ରୋଜଗାରକ୍ଷମ ପୁଅ ଅଛନ୍ତି। ମାତ୍ର ନିଜ କୌଳିକ ବୃତ୍ତି ପ୍ରତି ତାଙ୍କର ଏତେ ଭଲ ପାଇବା ରହିଛି ଯେ, ସେ ବାଉଁଶ ପାତିଆରେ ପାତିଆ ଛନ୍ଦି ଖୁବ୍ ସୁନ୍ଦର ପଟି ଓ ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରିପାରୁଛନ୍ତି। ବସ୍ତିରେ ଏପରି ଅନେକ ବୃଦ୍ଧ ଦମ୍ପତି ଅଛନ୍ତି ଯେଉଁମାନେ ବାଉଁଶ ତିଆରି କାମରେ ସକାଳରୁ ସଞ୍ଜ ଯାଏ ଲାଗିଥା'ନ୍ତି । ଏହା ତାଙ୍କୁ ରୋଜଗାର ସହ ମାନସିକ ଶାନ୍ତି ଦିଏ ବୋଲି ସେମାନେ କହନ୍ତି।



### ସେମାନେ ଯାହା କୁହନ୍ତି...



ମୁଁ ଏହି ସାହିର ବୋହୂ। ଏଠାକୁ ଆସିବା ଦିନଠାରୁ ବାଉଁଶରେ ବିଭିନ୍ନ ପ୍ରକାର ଜିନିଷ ତିଆରି କରୁଛି। ଭଲ ଲାଗୁଛି। ଆମ ପରିବାରର ୬ଜଣ ଏହି କାମ କରୁଛୁ। ଆମ ପିଲାମାନେ ଯାହା ପାଠ ପଢ଼ିଲେ, ଯେଉଁ ଚାକିରି କଲେ ବି ଏହି କାମକୁ ସମସ୍ତେ ଭଲ ପାଆନ୍ତି।
– ଆର୍. ଲକ୍ଷ୍ମୀ



ଆଗରୁ ବାଉଁଶକୁ କେବଳ ହାତରେ କାଟି ପାତିଆ କରି ବିଭିନ୍ନ ଜିନିଷ ତିଆରି କରୁଥିଲୁ। ଏବେ ମେଶିନରେ ଏସବୁ କରିପାରୁଛୁ। ଅନ୍ୟଦିନ ଅପେକ୍ଷା ପୂଜା ସମୟରେ ତୋରଣ ବେଶି ତିଆରି ହେଉଥିବାରୁ ଭଲ ରୋଜଗାର ହୁଏ।
– ଆର. ଧରମା



ଆମେ ପିଲାଦିନରୁ ଏହି କାମ କରୁଛୁ। ବାଉଁଶରେ ଆମେ ଅଧିକାଂଶ ଜିନିଷ ତିଆରି କରୁଥିଲେ ମଧ୍ୟ କିଛି କିଛି ବାଉଁଶ ତିଆରି ଜିନିଷ ବ୍ରହ୍ମପୁରରୁ ଆଣି ବିକ୍ରି କରୁଛୁ। ପିଲାମାନେ ପାଠ ପଢ଼ିବା ସହ ଆମର ଏହି କୌଳିକ ବୃତ୍ତି ଆଗକୁ ନେଲେ ଭଲ।
–ଆର୍. ରାମୁ



ମୁଁ ଅଲଗା କାମ କରେ। ମାତ୍ର ଏହି ତିନି ଚାରି ବର୍ଷ ହେଲା ବାଉଁଶ କାମ ବି କରୁଛି। ଘରେ ଏହି କାମ ହେଉଛି। ତେଣୁ ଯେତେବେଳେ ସମୟ ମିଳେ ଘର ଲୋକଙ୍କୁ ସାହାଯ୍ୟ କରେ।
–ପି.ସୀତାରାମ୍

### ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ ପକ୍ଷରୁ ବକ୍ତୃତା ଭାରତ ଓ ସନାତନ ଧର୍ମ, ଶ୍ରୀଅରବିନ୍ଦ ନଗର, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୧ଟା।
- ସଚେତନତା କର୍ମଶାଳା ସ୍ୱୟଂ ସିଦ୍ଧ, ରମାଦେବୀ ବାଳିକା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦।
- ଦିବଂଗତ ଅନ୍ନପୂର୍ଣ୍ଣା ନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ, ସୂଚନା ଭବନ, ଅପରାହ୍ନ ୪ଟା।
- ଭାରତୀୟ ବିଦ୍ୟାଭବନ ଓ ଇମ୍ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ଜଗନ୍ନାଥ ବନ୍ଦନା, ମୁନସୀ ହଲ୍, ଖାରବେଳ ନଗର, ସନ୍ଧ୍ୟା ୬ଟା ୩୦।

**କଟକ**

- ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ସାଂସଦ ଓ ବିଧାୟକ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ୬୬ତମ ଶ୍ରାଦ୍ଧୋତ୍ସବ, ସତୀଚଉରାସ୍ଥିତ ସମାଧି ପୀଠ, ସକାଳ ୮ଟା ୩୦।

## ସମ୍ବାଦ ପ୍ରକାଶକଙ୍କୁ ଇଓଡବ୍ଲ୍ୟୁର ଅଢ଼େଇ ଘଣ୍ଟା ପଚରାଉଚରା

### ଋଣ ଦୁର୍ନୀତି ମାମଲା

ଭୁବନେଶ୍ୱର,୧୭।୯(ସତ୍ୟଜିତ୍ ରାଉତ)

ଦୈନିକ ଖବରକାଗଜ 'ସମ୍ବାଦ'ର କର୍ମଚାରୀଙ୍କ ନାମରେ ଜାଲିଆତି କରାଯାଇ ବ୍ୟାଙ୍କ ଋଣ ଦୁର୍ନୀତି ହୋଇଥିବା ଅଭିଯୋଗର ତଦନ୍ତକୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତ୍ୱରାନ୍ୱିତ କରିଛି। ସମ୍ବାଦର ପ୍ରକାଶକ ତଥା ପୂର୍ବତନ ସିଇଓ କମଳାକାନ୍ତ ମହାପାତ୍ରଙ୍କୁ ଇଓଡବ୍ଲ୍ୟୁ ପକ୍ଷରୁ ରବିବାର ପ୍ରାୟ ଅଢ଼େଇ ଘଣ୍ଟା ପଚରାଉଚରା କରାଯାଇଛି। ସନ୍ଧ୍ୟା ପ୍ରାୟ ୬ଟାରେ ଇଓଡବ୍ଲ୍ୟୁ କାର୍ଯ୍ୟାଳୟକୁ କମଳାକାନ୍ତ ତାଙ୍କ ୨ ଆଇନଜୀବୀଙ୍କ ସହ ଯାଇଥିଲେ। ରାତି ୮ଟା ୩୦ରେ ସେ ଇଓଡବ୍ଲ୍ୟୁ କାର୍ଯ୍ୟାଳୟରୁ ଫେରିଥିଲେ। ପଚରାଉଚରା ସମୟରେ ଇଓଡବ୍ଲ୍ୟୁ ମାମଲା ସଂକ୍ରାନ୍ତରେ କମଳାକାନ୍ତଙ୍କଠୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବା ସୂଚନା ମିଳିଛି।

ବିଜେଡି ବିଧାୟକ ତଥା ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ନାଁରେ ୫୦ କୋଟିରୁ ଅଧିକ ଟଙ୍କାର ଋଣ କରାଯାଇ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଏହି ଗଣମାଧ୍ୟମ ସଂସ୍ଥାର ଜଣେ ପୂର୍ବତନ ଜିଲା ପ୍ରତିନିଧି ଶନିବାର ଇଓଡବ୍ଲ୍ୟୁରେ ଅଭିଯୋଗ କରିଛନ୍ତି। ଏହି ଋଣ ଦୁର୍ନୀତିରେ ସଂସ୍ଥାର ମାନବ ସମ୍ବଳ ବିଭାଗ ଏବଂ ବିତ୍ତ ବିଭାଗ କର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକୁ ଭିତ୍ତି କରି ଇଓଡବ୍ଲ୍ୟୁ ଆଇପିସି ଦଫା ୫୦୬, ୪୬୭, ୪୬୮, ୪୭୧, ୧୨୦ (ଖ), ୪୨୦ ଅନୁଯାୟୀ ୨୪/୨୦୨୩ ନମ୍ବରରେ ଏକ ମାମଲା ରୁଜୁ କରିଛି। ଏଥିରେ ସୌମ୍ୟରଞ୍ଜନ ଏବଂ ସଂସ୍ଥାର ମାନବ ସମ୍ବଳ ଅଧିକାରୀ ବୈଜୟନ୍ତୀ କରଙ୍କୁ ଇଓଡବ୍ଲ୍ୟୁ ଅଭିଯୁକ୍ତ ଦର୍ଶାଇଛି। ଉଭୟଙ୍କୁ ଇଓଡବ୍ଲ୍ୟୁ ଖୁବ୍‌ଶୀଘ୍ର ପଚରାଉଚରା କରିପାରେ ସୂଚନା ମିଳିଛି।

## କ୍ୟାପିଟାଲ ହସ୍ପିଟାଲ ନଂ.୧

### ମିଳିଲା ଏନ୍‌କ୍ୱାସ୍ ସାର୍ଟିଫିକେଟ

ଭୁବନେଶ୍ୱର,୧୭।୯(ଅଭିଜିତ ଦାସ)

ରାଜ୍ୟର ଅନ୍ୟତମ ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲକୁ ଜାତୀୟ ସ୍ୱୀକୃତି ମିଳିଛି। ଚିକିତ୍ସା ସେବା, ପରିବେଶ, ରୋଗୀଙ୍କ ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଭଲ ପ୍ରଦର୍ଶନ ପାଇଁ ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ(ଏନ୍‌କ୍ୱାସ) କାର୍ଯ୍ୟକ୍ରମ ଅଧୀନରେ ଏହି ହସ୍ପିଟାଲକୁ କ୍ୱାଲିଟି ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦେଶର ଆଗଧାଡ଼ିରେ ରହିଥିବା ସ୍ୱାସ୍ଥ୍ୟାନୁଷ୍ଠାନ ମଧ୍ୟରେ ଏବେ କ୍ୟାପିଟାଲ ହସ୍ପିଟାଲ ସ୍ଥାନ ପାଇଥିବାବେଳେ ଓଡ଼ିଶାର ନଂ.୧ ସରକାରୀ ହସ୍ପିଟାଲ ଭାବେ ଜାତୀୟ ତାଲିକାରେ ସ୍ଥାନ ପାଇଛି। ଏନ୍‌କ୍ୱାସ ପକ୍ଷରୁ ହସ୍ପିଟାଲକୁ ସାମଗ୍ରିକ ଭାବେ ୮୮ ପ୍ରତିଶତ ମାର୍କ ମିଳିଛି। ଚଳିତ ବର୍ଷ ଜୁଲାଇ ୭ ତାରିଖରେ ଏନ୍‌କ୍ୱାସ ଟିମ୍ ୩ଦିନ ଧରି କ୍ୟାପିଟାଲ ହସ୍ପିଟାଲର ୧୮ଟି ବିଭାଗକୁ ଯାଞ୍ଚ କରିଥିଲେ। ବିଭିନ୍ନ ବିଭାଗରେ ଜୀବାଣୁ ମୁକ୍ତ ପରିବେଶ, ଅତ୍ୟାଧୁନିକ ଅସ୍ତ୍ରୋପଚାର, ରୋଗୀଙ୍କ ସୁରକ୍ଷା, ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁବିଧା, ମାନବସମ୍ବଳ ଆଦିର ଅନୁଧ୍ୟାନ କରିଥିଲା।




ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଲକି



@ ଯଶୋବନ୍ତ



@ ସୋହାନୀ



@ ଶ୍ରୀଧର



@ ରୁଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜିଠାରୁ ସ୍କୁଲ ଆଗରେ ଧାରଣା ଦେବ ଅଭିଭାବକ ମହାସଂଘ

### ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ପାଠପଢ଼ା ପ୍ରଭାବିତ

ଭୁବନେଶ୍ୱର, ୧୭।୯
(ଅସମାପିକା ସାହୁ)

ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନକୁ ରବିବାର ୧୦ଦିନ ବିତିଯାଇଥିଲେ ସୁଦ୍ଧା ସରକାର ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାନ୍ତି। ତେଣୁ ସୋମବାରଠାରୁ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ନିଷ୍ପତ୍ତି ନେଇଛି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କୌଣସି ପରିସ୍ଥିତିରେ ଶିକ୍ଷକମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଆଉ ଗୋଟିଏ ଦିନ ପରେ ଗଣେଶ ପୂଜା ଥିବାରୁ ସ୍କୁଲରେ ତାହା ପାଳନ କରାଯିବ କି ନାହିଁ ତାକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏପରିସ୍ଥିତିରେ ବିଦ୍ୟାଳୟରେ ପାଠପଢ଼ା ଓ ଅନ୍ୟାନ୍ୟ ପ୍ରଭାବିତ ହୋଇଛି। ଏହାକୁ ନେଇ ଓଡ଼ିଶା ଅଭିଭାବକ ମହାସଂଘ ଉଦ୍‌ବେଗ ପ୍ରକାଶ କରିବା ସହ ସୋମବାରଠାରୁ ରାଜ୍ୟରେ ସବୁ ବିଦ୍ୟାଳୟ ଆଗରେ ଅଭିଭାବକମାନେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛି। ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ପ୍ରାଥମିକ ଶିକ୍ଷା ଗୁରୁତର ପ୍ରଭାବିତ ହୋଇଛି। ବିଭିନ୍ନ ଚାକଚକ୍ୟ ଖର୍ଚ୍ଚ କାଟ୍ କରି ଶିକ୍ଷକଙ୍କ ପାଇଁ ଅର୍ଥ ବରାଦ କରାଯାଉ। ସରକାର ତୁରନ୍ତ ଶିକ୍ଷକଙ୍କ ସହିତ ଆଲୋଚନା କରି ସେମାନଙ୍କ ସର୍ବନିମ୍ନ ଦାବି ପୂରଣ କରନ୍ତୁ ଏବଂ ବିଦ୍ୟାଳୟ ଖୋଲି ପାଠ ପଢ଼ାଇବାର ବନ୍ଦୋବସ୍ତ କରିବାକୁ ଅନୁରୋଧ କରାଯାଇଛି। ନଚେତ୍ ସୋମବାରଠାରୁ ସବୁ ବିଦ୍ୟାଳୟରେ ଅଭିଭାବକମାନେ ଧାରଣା ଦେବେ। ଏହି ସମସ୍ୟା ନେଇ ମହାସଂଘ ପକ୍ଷରୁ ଗଣଶିକ୍ଷା ସଚିବଙ୍କ ବାସଭବନ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନାନୁଯାୟୀ, ୩ ଦଫା ଦାବିରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ପ୍ରାଥମିକ ଶିକ୍ଷକମାନେ ଗତ ୮ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ଏପର୍ଯ୍ୟନ୍ତ ସମାଧାନର ବାଟ ବାହାରି ପାରୁନି। ଠିକା ନିଯୁକ୍ତି ଉଚ୍ଛେଦ, ପୁରୁଣା ପେନ୍‌ସନ ଓ କେନ୍ଦ୍ରୀୟ ହାରରେ ଦରମା ଅନୁସାରେ ୪୨୦୦ ଟଙ୍କା ଗ୍ରେଡ୍ ପେ' ଲାଗୁ କରିବାକୁ ସେମାନେ ଦାବି କରୁଛନ୍ତି। ହେଲେ ଦାବି ପୂରଣ ନ ହେବାରୁ ଶିକ୍ଷକମାନେ ପାଠପଢ଼ା ସହ ସମସ୍ତ କାର୍ଯ୍ୟ ବନ୍ଦ କରି ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

# ଲୋକାଲ ଟ୍ରେନ୍‌ରେ ଯାତ୍ରା କଲେ ରେଳମନ୍ତ୍ରୀ

- ଭୁବନେଶ୍ୱର ଓ କଟକ ରେଳ ଷ୍ଟେଶନର ସ୍ୱଚ୍ଛତା ପରଖିଲେ
- ନରାଜ ମାର୍ଥାପୁର ଷ୍ଟେଶନର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର,(ଅଭିଜିତ ଦାସ)/
କଟକ,୧୭।୯ (କାର୍ତ୍ତିକ ସାହୁ)



ଦୁଇଦିନିଆ ଓଡିଶା ଗସ୍ତରେ ଆସିଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦ୍ୱିତୀୟ ଦିନ ଅର୍ଥାତ୍ ରବିବାର ଅପରାହ୍ନ ୨ଟା ୩୦ରେ ଭୁବନେଶ୍ୱରରୁ କଟକ ଷ୍ଟେଶନ ପର୍ଯ୍ୟନ୍ତ ଟ୍ରେନ୍‌ରେ ଯାତ୍ରା କରିଥିଲେ। ଏଥିସହ ଭୁବନେଶ୍ୱର ଓ କଟକ ଷ୍ଟେଶନରେ ସ୍ୱଚ୍ଛତାର ମାନ ଯାଞ୍ଚ କରିଥିଲେ। ତେବେ ଭୁବନେଶ୍ୱର ରେଳ ଷ୍ଟେଶନକୁ ବୁଲି ଦେଖିବା ପରେ ରେଳମନ୍ତ୍ରୀ ସେଠାରୁ ଏକ ଲୋକାଲ ଟ୍ରେନ୍‌ରେ ଜଣେ ସାଧାରଣ ଲୋକଙ୍କ ଭଳି କଟକ ଯାତ୍ରା କରିଥିଲେ। ଏହି ସମୟରେ ସେ ରେଳଯାତ୍ରୀଙ୍କ ସହ କଥା ହୋଇ ସେମାନଙ୍କ ଯାତ୍ରାର ଅନୁଭୂତି ଓ ସମସ୍ୟା ବୁଝିଥିଲେ। ରେଳମନ୍ତ୍ରୀଙ୍କୁ ଚିହ୍ନିବା ପରେ ଅଧିକାଂଶ ଯାତ୍ରୀ ତାଙ୍କ ସହ ଫଟୋ ଉଠାଇଥିଲେ। ପରେ କଟକ ଷ୍ଟେଶନର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ସ୍ୱଚ୍ଛତା ପରଖିଥିଲେ। ସେହିଭଳି ନରାଜ ମାର୍ଥାପୁର ଷ୍ଟେଶନରେ ରେଳ ଅଧିକାରୀଙ୍କ ସହ ବିକାଶମୂଳକ କାର୍ଯ୍ୟ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ଅବସରରେ ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି, ଅଧିକାଂଶ ଯାତ୍ରୀ ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ଲୋକାଲ ଟ୍ରେନ୍‌ରେ ଯାତ୍ରା କରନ୍ତି। ଉକ୍ତ ଟ୍ରେନ୍‌ରେ ୮ଟି କୋଚ୍ ଥିବାରୁ ଯାତ୍ରୀମାନେ ଯାତାୟାତରେ ହନ୍ତସନ୍ତ ହେଉଛନ୍ତି। ତେବେ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଏହି ଟ୍ରେନ୍‌ରେ କୋଚ୍ ସଂଖ୍ୟା ବଢ଼ାଯିବ। ସେହିପରି ଯାଜପୁର-ଧାମରା-ଆରଡି ଦେଇ ନୂଆ ରେଳ ଲାଇନ ପ୍ରକଳ୍ପ ହେବ। ଏଥିପାଇଁ ଖୁବ୍‌ଶୀଘ୍ର ସର୍ଭେ ଆରମ୍ଭ କରାଯିବ। ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ରେଳ ପ୍ରକଳ୍ପ ଲାଇନ କାର୍ଯ୍ୟ ଶୀଘ୍ର ଶେଷ ହେବାକୁ ଥିବାବେଳେ ପୁରୀରୁ ରାଉରକେଲା ଦ୍ୱିତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ କରିବ ବୋଲି ରେଳମନ୍ତ୍ରୀ ସୂଚନା ଦେଇଛନ୍ତି।

## ନବକଳେବର ହେବ ନରାଜ- ମାର୍ଥାପୁର ଷ୍ଟେଶନ

ବାରଙ୍ଗ,୧୭।୯(ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ଅଧୀନ ନରାଜ- ମାର୍ଥାପୁର ରେଳ ଷ୍ଟେଶନର ହେବ ନବୀକରଣ। ଏନେଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ରେଳ ବିଭାଗର କିଛି ବରିଷ୍ଠ ଅଧିକାରୀଙ୍କ ସହ ଷ୍ଟେଶନରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଷ୍ଟେଶନ ମାଷ୍ଟରଙ୍କ ସହ ଆଲୋଚନା କରିବା ସହିତ ପାରିପାର୍ଶ୍ୱିକ ସ୍ଥିତି ମଧ୍ୟ ତଦାରଖ କରିଥିଲେ। ନରାଜ- ମାର୍ଥାପୁର ରେଳଷ୍ଟେଶନ ନବୀକରଣ ନେଇ ଉଦ୍ୟମ ଆରମ୍ଭ ହୋଇଛି। ଷ୍ଟେଶନର ରୂପରେଖ ବଦଳିବା ସହିତ ନୂତନ ରେଳପଥ କରିବାର ମଧ୍ୟ ଯୋଜନା ରହିଛି। ତେବେ ନରାଜ- ମାର୍ଥାପୁର ଷ୍ଟେଶନ ଉପରେ ନିକଟବର୍ତ୍ତୀ ଗ୍ରାମଲୋକ ନିର୍ଭର କରିଥାନ୍ତି। ଏହି ଷ୍ଟେଶନ ମଧ୍ୟରେ ଦୈନିକ ବହୁ ରେଳଗାଡ଼ି ଯାତାୟାତ କରିଥାଏ। ଯଦି ଷ୍ଟେଶନ ସମ୍ପ୍ରସାରଣ ହେବ ଏବଂ ଅଧିକ ଟ୍ରେନ ରହଣିର ବ୍ୟବସ୍ଥା କରାଯିବ, ତେବେ ଅଞ୍ଚଳବାସୀ ଉପକୃତ ହେବେ।

